
# ୧୦୬୨ ଆକ୍ରାନ୍ତ, ୯୯୬ ସୁସ୍ଥ, ୩ ମୃତ

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ)**

ରାଜଧାନୀରେ ସଂକ୍ରମଣ ଓ ମୃତ୍ୟୁ କମିବାର ନାଁ ଧରୁନି। ସୋମବାର ସହରରୁ ୯୦୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଦିନକ ପରେ ପୁଣି ସଂକ୍ରମଣ ୧ହଜାର ପାର୍ କରିଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୧,୦୬୨ ପଜିଟିଭ୍ ବାହାରିଛନ୍ତି। ୧୭୨ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୮୯୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପଟିଆରୁ ସର୍ବାଧିକ ୬୯ଜଣ ପଜିଟିଭ୍ ରହିଥିବାବେଳେ ପୁରୁଣା ଭୁବନେଶ୍ୱରରୁ ୫୩, ଡୁମୁଡୁମାରୁ ୪୫, ନୟାପଲ୍ଲୀ ଓ ଖଣ୍ଡଗିରିରୁ ୪୦ଜଣ ଲେଖାଏ, ବରମୁଣ୍ଡା ଓ ଝାରପଡାରୁ ୨୩ଜଣ ଲେଖାଏ, ବଡଗଡରୁ ୧୯, ଘାଟିକିଆରୁ ୧୫, ଜାଗମରାରୁ ୧୧, ବିଜେବି ନଗରରୁ ୧୩, ଭୀମଟାଙ୍ଗୀରୁ ୮, ଜୟଦେବ ବିହାରରୁ ୧୧, ମଞ୍ଚେଶ୍ୱରରୁ ୧୯, କଳ୍ପନା ଓ ଆଚାର୍ଯ୍ୟ ବିହାରରୁ ୯ଜଣ ଲେଖାଏ, ରସୁଲଗଡରୁ ୧୩, ୟୁନିଟ୍-୬ରୁ ୧୮, ଶାସ୍ତ୍ରୀନଗର ଓ ସତ୍ୟ ନଗରରୁ ୮ଜଣ ଲେଖାଏ, ୟୁନିଟ୍-୩ରୁ ୧୩, ପାତ୍ରପଡାରୁ ୧୫, ଟଙ୍କପାଣି ରୋଡ୍‌ରୁ ୧୪, ଭିଏସ୍‌ଏସ୍ ନଗରରୁ ୧୧, ଶୈଳଶ୍ରୀବିହାରରୁ ୨୭, ସୁନ୍ଦରପଦାରୁ ୨୦, ୟୁନିଟ-୮ରୁ ୨୩, ଲକ୍ଷ୍ମୀସାଗରରୁ ୨୫, ନୀଳାଦ୍ରିବିହାରରୁ ୧୯, ଶହୀଦନଗରରୁ ୧୭, ରେଣ୍ଟାଲ କଲୋନୀରୁ ୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୭୦ହଜାର ୯୬୪ରେ ପହଞ୍ଚିଛି। ସେହିପରି ଆଉ ୯୯୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୫୭,୮୨୭କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ସହରରୁ ଆଉ ୩ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଫଳରେ ମୋଟ କରୋନାଜନିତ ମୃତ୍ୟୁ ୩୨୧ ଛୁଇଁଛି। ବର୍ତ୍ତମାନ ୧୨,୭୯୫ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।



## ସଂକ୍ଷେପରେ

### କଟକରେ ଆଜି ଟିକାକରଣ ବନ୍ଦ

**କଟକ ଅଫିସ,୨୫।୫:** ବାତ୍ୟା 'ୟାସ୍' ପ୍ରଭାବରେ ସହରରେ ଦୁଇଦିନ ହେବ ବର୍ଷା ଓ ପବନ ବଢ଼ିବାରେ ଲାଗିଛି। ଏଥିପାଇଁ ସହରର ସମସ୍ତ ଟିକାକରଣ କେନ୍ଦ୍ର ବୁଧବାର ବନ୍ଦ ରହିବ। ଫଳରେ ବୁଧବାର ଟିକା ନେବାକୁ ଥିବା ଲୋକମାନେ ୩୧ ତାରିଖରେ ଟିକା ନେଇପାରିବେ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଟୁଇଟରରେ ସୂଚନା ଦିଆଯାଇଛି।

### ୪୦୦ ଜଣ ନେଲେ କୋଭିଡ୍ ଟିକା

**କଟକ ଅଫିସ,୨୫।୫:** ସ୍ଥାନୀୟ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର(ଏନ୍.ଆର୍.ଆର୍.ଆଇ)ଠାରେ ସୋମବାର ଓ ମଙ୍ଗଳବାର ଦୁଇଦିନ ବ୍ୟାପି କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହାୟତାରେ ଅନୁଷ୍ଠିତ ଶିବିରକୁ ଏନ୍‌ଆରଆରଆଇ ନିର୍ଦ୍ଦେଶକ ଡ. ଦିପଙ୍କର ମାଇତି ଉଦ୍‌ଘାଟନ କରିଥିଲେ। ଏଥିରେ ଗବେଷଣା କେନ୍ଦ୍ରର କର୍ମଚାରୀ, ଠିକା କର୍ମଚାରୀ, ଛାତ୍ରୀଛାତ୍ର ଏବଂ ସେମାନଙ୍କର ପରିବାର ବର୍ଗଙ୍କ ସମେତ ୪୦୦ ଜଣଙ୍କୁ ଟିକା ଦିଆଯାଇଥିଲା। ଏନ୍‌ଆରଆରଆଇ ସ୍ୱାସ୍ଥ୍ୟ ଅଧିକାରୀ ଡ. ଯୋଗେଶ୍ୱର ପାଣିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ

**କଟକ ଅଫିସ, ୨୫।୫:** ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ କୋଭିଡ୍ କଟକଣା ମଧ୍ୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଭିକାରୀ ବଳ ସ୍ମୃତି ସଂସଦ ସମ୍ପାଦକ ଡ. ସୁନାମଣି ରାଉତଙ୍କ ଆବାହକତ୍ୱରେ କଟକ ଖାନ୍‌ନଗର ଭିକାରୀ ବଳ ପାର୍କଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭିକାରୀ ବଳଙ୍କ ଝିଅ କଳ୍ପନା, ପୁଅ ଅମିୟ, ଅଶୋକ, ନାତୁଣୀ ଆର୍.ଜେ. ସ୍ୱାତୀ ଓ ନାତି ସ୍ୱାଗତ ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଭିକାରୀ ବଳଙ୍କ ଏକ ଭଜନ ନାତୁଣୀ ସ୍ୱାତୀ ପରିବେଷଣ କରିଥିଲେ। ଆଇନଜୀବୀ ବିଷ୍ଣୁ ଚରଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଟିକାକରଣ କେନ୍ଦ୍ର ପରିଦର୍ଶନ କଲେ ଏମ୍‌ପି

**କଟକ ଅଫିସ, ୨୫।୫:** କଟକ ମହାନଗର ନିଗମ(ସିଏମ୍‌ସି) ୨୦ନଂ. ୱାର୍ଡ ଅଧୀନ ଅହିଂସା ଭବନରେ ହୋଇଥିବା ଟିକାକରଣ କେନ୍ଦ୍ର ମଙ୍ଗଳବାର ଏମ୍‌ପି ସୁବାସ ସିଂ ପରିଦର୍ଶନ କରିଥିଲେ। ସେଠାରେ ଟିକା ନେଉଥିବା ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ହେବା ସହିତ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଥିଲେ। ଏଥିସହ କୋଭିଡ ନିୟମକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏମ୍‌ପି ସିଂଙ୍କ ପରିଦର୍ଶନ ସମୟରେ ୨୦ନଂ. ୱାର୍ଡ ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ପୂର୍ବତନ କର୍ପୋରେଟର ଅଜୟ ସାହୁ, ନରେନ୍ଦ୍ର ସେଠୀ, ବିଜେଡି କଟକ ମହାନଗର ସମ୍ପାଦକ କୁନିଆ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦନଗର ଦୁର୍ଗାପୂଜା ସମିତି କାର୍ଯ୍ୟକାରୀ ସଦସ୍ୟଙ୍କ ପରଲୋକ

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ) :** ଶହୀଦ ନଗର ଦୁର୍ଗାପୂଜା ସମିତିର ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ମହେନ୍ଦ୍ର ନନ୍ଦ ଓରଫ କୁନାଙ୍କ ସୋମବାର ରାତି ୧ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୫୮ ବର୍ଷ ହୋଇଥିଲା। ଗତ କିଛିଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ନନ୍ଦ ୧୯୮୫ରୁ ଶହୀଦନଗର ଦୁର୍ଗାପୂଜା ସମିତିରେ ଯୋଗଦେଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସେ ଜଣେ ସରଳ ଓ ମେଳାପି ଲୋକ ଥିଲେ। ତାଙ୍କ ବିୟୋଗରେ ସମିତିର ଆଜୀବନ ସଦସ୍ୟମାନେ ଶୋକ ପ୍ରକାଶ କରିଛନ୍ତି।



# କରୋନା ବିପତ୍ତିରୁ ରକ୍ଷା ପାଇଁ ସମୂହ ପ୍ରାର୍ଥନା

**ଶ୍ରୀନୃସିଂହଙ୍କ ଉଦ୍ଦେଶ୍ୟରେ ମଠ, ମନ୍ଦିର ଓ ବାସସ୍ଥାନରେ ଦୀପଦାନ**

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ)**

ରାଜ୍ୟବାସୀଙ୍କୁ କରୋନା ମହାମାରୀରୁ ରକ୍ଷା କରିବା ପାଇଁ ମଙ୍ଗଳବାର ନୃସିଂହ ଚତୁର୍ଦ୍ଦଶୀ ତଥା ନୃସିଂହ ଜନ୍ମ ଅବସରରେ ରାଜ୍ୟର ବିଭିନ୍ନ ମଠ, ମନ୍ଦିର, ଆଶ୍ରମ ଓ ବାସଗୃହରେ ହୋମ, ଯଜ୍ଞ, ଆଳତି ଓ ଦୀପଦାନ କରାଯାଇଛି। ଏହି ଅବସରରେ ଶ୍ରୀମଦ୍ ବାବା ବଳିଆଙ୍କ ଅରିଲୋସ୍ଥିତ ଶିଶୁଅନନ୍ତ ଆଶ୍ରମରେ ଶ୍ରୀଜୀଉଙ୍କୁ ନୃସିଂହ ବେଶରେ ଆରତି କରାଯାଇଥିଲା। ବାବା ଶ୍ରୀମଦ୍ ବଳିଆ ଦୀପଦାନ କରିଥିଲେ। ପୁରୀଠାରେ ସର୍ବପ୍ରାଚୀନ ମଠ ବାଲିସାହିସ୍ଥିତ ଶଙ୍କରାନନ୍ଦ ମଠରେ ପ୍ରାଚୀନ ନୃସିଂହ ମୂର୍ତ୍ତିକୁ ଆରାଧନା କରାଯାଇ ମନୋଜ ରଥଙ୍କ ଆବାହକତ୍ୱରେ ପଣ୍ଡିତ ବିଶ୍ୱମ୍ଭର ଦାଶ ହୋମ କରିବା ସହ ଉଗ୍ରବୀର ନୃସିଂହଙ୍କୁ ଆରାଧନା କରିଥିଲେ। ରୁଦ୍ରପୁର ନିଗମ କଳ୍ପତରୁ ଆଶ୍ରମରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ଖଣ୍ଡଗିରି ଦିବ୍ୟଜୀବନ ସଂଘ ପକ୍ଷରୁ ସ୍ୱାମୀ ଶିବଚିଦାନନ୍ଦ ମହାରାଜ, ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ, ଏକାମ୍ର ସତ୍ୟସେବା ଆଶ୍ରମଠାରେ ବାବା ବାଳକାନନ୍ଦ ଦାସ, ମଦନପୁର, ରାମପୁର ଶ୍ରୀ ରାମକୃଷ୍ଣ ଆଶ୍ରମରେ ଶିଶୁବାବା ଓ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ଆର୍ଯ୍ୟଭବନରେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସ୍ୱର୍ଣ୍ଣଭବନରେ ଡ. ବଦ୍ରୀନାଥ ପଟ୍ଟନାୟକ, ସତ୍ତ୍ୱିକ ଯୋଗଗୁରୁ ନାରାୟଣ ଚନ୍ଦ୍ର ନନ୍ଦ, ଡ. ସୌରେନ୍ଦ୍ର କୁମାର ମହାପାତ୍ର, ସାମାଜିକ କର୍ମୀ ଋତୁପର୍ଣ୍ଣା ମହାନ୍ତି, ଭଦ୍ରକ ସରସ୍ୱତୀ ବିହାରଠାରେ ଡ. ସଦାନନ୍ଦ ଦୀକ୍ଷିତ, ଆଡ୍‌ଭୋକେଟ ବନ ମହାନ୍ତି, ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ପୂର୍ବ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ନିଜ ବାସଗୃହରେ, ରାଜ୍ୟ ମଠ ମନ୍ଦିର ସେବାୟତ ପୂଜକ ସଂଘ କର୍ମକର୍ତ୍ତାମାନେ ରାଜ୍ୟର ବିଭିନ୍ନ ମଠ, ମନ୍ଦିରରେ ଘୃତଦୀପ ପ୍ରଜ୍ୱଳନ ପୂର୍ବକ ମହାବିଷ୍ଣୁ ନୃସିଂହଙ୍କୁ ପ୍ରାର୍ଥନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରେ ଏହି କାର୍ଯ୍ୟକ୍ରମକୁ ଉତ୍କଳ ବିଦ୍ୱତ ପରିଷଦ କର୍ମକର୍ତ୍ତା, ପଣ୍ଡିତ ପ୍ରବୀର କୁମାର ଦାଶ, ବ୍ରଜକିଶୋର ଦୀକ୍ଷିତ, ବିଜୟକୃଷ୍ଣ ଦାସ, ଶଙ୍କରାନନ୍ଦ ମଠର ଟ୍ରଷ୍ଟି ଦୁର୍ଗାପ୍ରସାଦ ମିଶ୍ର, ଇଂ ବିବେକାନନ୍ଦ ପାତ୍ର, ଗଞ୍ଜାମରେ ସିଲୁ ଦାସ, ଝାରସୁଗୁଡ଼ାରେ ପିଙ୍କୁ ଦାସ, ଭଦ୍ରକଠାରେ ସୌମ୍ୟରଞ୍ଜନ ଗୋସ୍ୱାମୀ ଓ ଭଞ୍ଜନଗରଠାରେ କବୟିତ୍ରୀ ନମିତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



# ଟିକାକରଣକୁ ନେଇ ହୋହଲ୍ଲା

**କଟକ ଅଫିସ,୨୫।୫**

ସହରରେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ହେଲେ ମଙ୍ଗଳବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ହୋଇଥିବା ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଟିକା ନେବା ପାଇଁ ଆସିଥିବା ଲୋକମାନଙ୍କୁ ଟିକାକରଣ କେନ୍ଦ୍ରକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇ ନ ଥିଲା। ଏଥିସହ ଅଫଲାଇନ ନୁହେଁ ଅନ୍‌ଲାଇନ ମାଧ୍ୟମରେ ସ୍ଲଟ୍ ବୁକିଂ କରିଥିବା ଲୋକଙ୍କୁ ଟିକା ଦିଆଯିବ ବୋଲି କୁହାଯାଇଥିଲା। ସୋମବାର ଲୋକଙ୍କୁ ଅଫ୍‌ଲାଇନରେ ଟିକା ଦିଆଯାଇଥିବାବେଳେ କୌଣସି ସୂଚନା ଦିଆ ନ ଯାଇ ଅନ୍‌ଲାଇନ୍‌ରେ ସ୍ଲଟ ବୁକିଂ ବ୍ୟବସ୍ଥା କାହିଁକି କରାଗଲା ବୋଲି କହି ହୋହଲ୍ଲା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଉକ୍ତ କେନ୍ଦ୍ରରେ ଅନ୍‌ଲାଇନ୍‌ରେ ସ୍ଲଟ୍ ବୁକିଂ କରିଥିବା ଲୋକଙ୍କୁ ଟିକା ଦିଆଯାଉଛି। ଯେଉଁମାନେ ଟିକା ନେବାକୁ ଚାହୁଁଛନ୍ତି ସେମାନେ ସ୍ଲଟ୍ ବୁକିଂ କରି ଆବଶ୍ୟକ କାଗଜପତ୍ର ଧରି ଟିକାକରଣ କେନ୍ଦ୍ରକୁ ଆସନ୍ତୁ ବୋଲି ସିଏମ୍‌ସି ପକ୍ଷରୁ ଟୁଇଟର ମାଧ୍ୟମରେ ସୂଚନା ଦିଆଯାଇଛି। ମଙ୍ଗଳବାର ସ୍ଲଟ୍ ବୁକିଂ କରିଥିବା ୬୨୦ ଜଣଙ୍କୁ ଟିକା ଦିଆଯାଇଛି ବୋଲି ଟିକାକରଣ ଦାୟିତ୍ୱରେ ଥିବା ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବେହେରା କହିଛନ୍ତି।

# ବର୍ଷାରେ ଘର ଭୁଶୁଡ଼ିଲା

**କଟକ ଅଫିସ,୨୫।୫**

କଟକ ମହାନଗର ନିଗମ ଅଧୀନ ୧୩ ନଂ. ୱାର୍ଡ ମେହେନ୍ଦୀପୁର ମସ୍‌ଜିଦ୍ ନିକଟରେ ମଙ୍ଗଳବାର ବର୍ଷା ଓ ପବନରେ ଅଶୋକ ଦାସଙ୍କ ଘରର କାନ୍ଥ ଭୁଶୁଡି ପଡିଛି। ଏଥିଯୋଗୁ ଘରର ଆଜ୍‌ବେଷ୍ଟସ ଗଳି ପଡିଥିଲା। ଫଳରେ ଘରେ ଥିବା ପଲଙ୍କ, ଆଲମିରା, ଟିଭି, ସିଲିଂ ଫ୍ୟାନ୍ ନଷ୍ଟ ହୋଇଯାଇଛି। ଲାଲବାଗ ପୋଲିସ ତଦନ୍ତ କରିଥିଲା। ବିଧାୟକ ମହମ୍ମଦ ମୋକିମ୍ ଭିଡିଓ କଲ୍ ମାଧ୍ୟମରେ ଘରର ସ୍ଥିତି ଦେଖିବା ସହ ଗୃହକର୍ତ୍ତାଙ୍କୁ ସହାୟତା ଦେବା ପାଇଁ ଭରସା ଦେଇଛନ୍ତି।

# କରୋନା ସଚେତନତାଧର୍ମୀ ୩ ଚଳଚ୍ଚିତ୍ର ଲୋକାର୍ପିତ



କାର୍ଯ୍ୟକ୍ରମରେ ଅତିଥିମାନେ ୩ କ୍ଷୁଦ୍ର ଚଳଚ୍ଚିତ୍ରକୁ ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ)**

କରୋନା କାଳରେ ସାଧାରଣ ଲୋକେ କେତେକ କ୍ଷେତ୍ରରେ ଭୟଭୀତ ହୋଇ ପଡୁଥିବାବେଳେ ଆଉ କେତେଜଣ ଏହାକୁ ହେୟଜ୍ଞାନ କରୁଛନ୍ତି। ଫଳରେ ସାରା ରାଜ୍ୟରେ କରୋନା ତା'ର କାୟା ବିସ୍ତାର କରିବାରେ ଲାଗିଛି। ଏପରି ସ୍ଥିତିରେ ଲୋକଙ୍କୁ ସଚେତନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ୩ ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି। ମଙ୍ଗଳବାର ସଂସ୍କୃତି ଭବନଠାରେ କ୍ଷୁଦ୍ର ଚଳଚ୍ଚିତ୍ର 'ନାରଦଙ୍କ କରୋନା ଉବାଚ', 'ଯମଙ୍କ କରୋନା ଉବାଚ' ଓ 'ଯମଙ୍କ କରୋନା ଉବାଚ-୨'କୁ ଲୋକାର୍ପିତ କରାଯାଇଛି। ଏସବୁ ଚଳଚ୍ଚିତ୍ରରେ କୋଭିଡ୍-୧୯ ପାଇଁ ଜାରି କରାଯାଇଥିବା ଲକ୍‌ଡାଉନ୍, ଶଟ୍‌ଡାଉନ୍ ମାନିବା, ମାସ୍କ ପିନ୍ଧିବା, ସାବୁନରେ ହାତ ଧୋଇବା, ଘରେ ରହିବା, ସୁରକ୍ଷିତ ରହିବା ଆଦି ବାର୍ତ୍ତା ରହିଛି। ଚଳଚ୍ଚିତ୍ରଗୁଡ଼ିକର କାହାଣୀ ଓ ସଂଳାପ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଲେଖି ଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜୀବ ମହାନ୍ତି। ଚଳଚ୍ଚିତ୍ର ବ୍ୟବସ୍ଥାପନର ଦାୟିତ୍ୱ ତୁଲାଇଛନ୍ତି ବାସୁଦେବ ମାଳବିଶୋଇ।

ଲୋକାର୍ପଣ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦାସଙ୍କ ସମେତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜୀବ ମହାନ୍ତି, ୟୁନସେଫ୍‌ର ବରିଷ୍ଠ ପରାମର୍ଶଦାତା ରୁଦ୍ର ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରରେ ହରିହର ସ୍ୱାଇଁ, ଅଭିଜିତ୍, ଅବନୀ, ରାମଚନ୍ଦ୍ର, ଅଙ୍କିତ୍, ଜିନା, ରୁଦ୍ର, ପୃଥିବୀ, ବାବୁ ପ୍ରଧାନ ପ୍ରମୁଖ ଅଭିନୟ କରିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୨୫।୫**

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ବୀରେନ ମିତ୍ର ଫାଉଣ୍ଡେଶନ ପକ୍ଷରୁ ଗଡ଼ଗଡ଼ିଆ ଘାଟରେ ବୀରେନ ମିତ୍ରଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ପରେ କଟକ ମିଶନ ରୋଡସ୍ଥିତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଫାଉଣ୍ଡେଶନର ସାଧାରଣ ସମ୍ପାଦକ ନିମାଇଁ ସାହୁ, ସୋମିତ ମିତ୍ର, ଅମିତ୍ ମିତ୍ର, ସୌମ୍ୟଦୀପ ଘୋଷ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।



କଟକ ମିଶନରୋଡଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ମୃତ୍ୟୁ ଘଟିଲେ ମିଳିବ ସହାୟତା

**କଟକ ଅଫିସ, ୨୫।୫**

କୋଭିଡ୍-୧୯ ଦ୍ୱିତୀୟ ଲହର ସମୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାର ଓ ନିକଟତମ ସମ୍ପର୍କୀୟଙ୍କୁ ଆର୍ଥିକ ସହାୟତା ବାବଦକୁ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏ ସମ୍ପର୍କରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ ଯୁଗ୍ମ ସଚିବ ନିତ୍ୟାନନ୍ଦ ବାରିକ ରାଜ୍ୟର ସମସ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ସୋମବାର ଚିଠି ଲେଖିଥିଲେ। ଏଥିସହ ଘରକୁ ଘର ସର୍ଭେ ସମୟରେ ଅଙ୍ଗନୱାଡି କର୍ମୀଙ୍କୁ ମାସ୍କ, ଗ୍ଲୋଭ୍‌ସ, ସାନିଟାଇଜର ଯୋଗାଇଦେବାକୁ ଉକ୍ତ ଚିଠିରେ ଦର୍ଶାଯାଇଛି। ରାଜ୍ୟ ସରକାରଙ୍କ ଉକ୍ତ ଘୋଷଣାକୁ ଭାରତୀୟ ମଜଦୁର ସଂଘର ରାଜ୍ୟ ଅସଂଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ କୁମାର ସାହୁ ସ୍ୱାଗତ କରିଛନ୍ତି। ଏ ନେଇ ସାହୁ କହିଛନ୍ତି, କୋଭିଡ୍-୧୯ ପ୍ରଥମ ଲହର ସମୟରେ ବେସରକାରୀ ଚିକିତ୍ସାଳୟ, ସ୍ୱେଚ୍ଛାସେବୀ, ମ୍ୟୁନିସିପାଲିଟି ଓ ଅନ୍ୟ ସଂସ୍ଥାରେ ନିଯୁକ୍ତ କର୍ମଚାରୀମାନଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହାୟତା ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶାବଳୀ ଜାରି କରିଥିଲେ। ହେଲେ କରୋନା କାର୍ଯ୍ୟରେ ନିୟୋଜିତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ଫଳରେ କାର୍ଯ୍ୟରତ ସମୟରେ ସେମାନଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାର ଅନୁକମ୍ପା ରାଶି ପାଇବାରୁ ବଞ୍ଚିତ ହେଉଥିଲେ। ଏଣୁ ତୁରନ୍ତ ସେମାନଙ୍କୁ ଏଥିରେ ସାମିଲ କରିବାକୁ ଭାରତୀୟ ମଜଦୁର ସଂଘ ପକ୍ଷରୁ ଦାବି ହୋଇ ଆସୁଥିଲା।

# ଘରେ ପଶି ଆସବାବପତ୍ର ଚୋରି

**ଜଟଣୀ,୨୫।୫ (ଡି.ଏନ୍.ଏ.)**

କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଜଟଣୀ ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଜଟଣୀ ପୌରାଞ୍ଚଳ ଅଧୀନ ବାଲିଛକ ସାହି ଅଞ୍ଚଳରେ ରହୁଥିବା ସୁରେନ୍ଦ୍ର ନାଥ ମିଶ୍ରଙ୍କ ଘରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ୧୬ ଫୁଟର ତମ୍ବା ପାଇପ୍, ଏସି କମ୍ପ୍ରେସର ସହ ୧୫ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଆସବାବପତ୍ର ଚୋରି କରିନେଇଛନ୍ତି। ଏନେଇ ମିଶ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ପ୍ରାଥମିକତା ଦେଇ ପରୀକ୍ଷା ହେଉ

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ)**

କରୋନା ପରିସ୍ଥିତି ପାଇଁ ବର୍ତ୍ତମାନ ଦ୍ୱାଦଶ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କିନ୍ତୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ଭବିଷ୍ୟତକୁ ପ୍ରାଥମିକତା ଦେଇ ପରୀକ୍ଷା ଆୟୋଜନ କରିବା ଲାଗି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏବିଭିପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ନିଧି ତ୍ରିପାଠୀ କହିଛନ୍ତି, ଦେଶର ଅଧିକାଂଶ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ପ୍ରବେଶ କରିବା ପାଇଁ ମେରିଟ୍ ଲିଷ୍ଟ ଅନୁସାରେ ହୋଇଥାଏ। ତେଣୁ ଦ୍ୱାଦଶ ଶ୍ରେଣୀର ମୂଲ୍ୟାଙ୍କନ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସରକାର ଛାତ୍ରୀଛାତ୍ରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଦିଗକୁ ଧ୍ୟାନରେ ରଖି ସମସ୍ତଙ୍କୁ ନ୍ୟାୟ ମିଳିବା ଭଳି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏବିଭିପିର ଓଡ଼ିଶା ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି, ଜଣେ ପିଲାର ଦ୍ୱାଦଶ ପରୀକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ସରକାର ଏହି ପରୀକ୍ଷା କରିବାକୁ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଅନ୍ତୁ। ପରୀକ୍ଷା କେନ୍ଦ୍ର ବଢ଼ାଇବା ସହିତ ପୂର୍ବରୁ ସାନିଟାଇଜ କରିବାର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ର କିପରି ସୁରକ୍ଷିତ ଭାବେ ପରୀକ୍ଷା ଦେବେ ସରକାର ସେଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି ସେ କହିଛନ୍ତି।

# ଅଳଙ୍କାର, ଟଙ୍କା ଜବତ : ୮ ଗିରଫ

**ଚୌଦ୍ୱାର/ବାଲିଅନ୍ତା, ୨୫।୫ (ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ଗ୍ରାମର ଭାଗ୍ୟଧର ବେହେରାଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଟାଉନ୍ ଥାନା ଅଧୀନ ସାମଗୁଡ଼ିଆ ଇଚ୍ଛାପୁର ଗ୍ରାମର ରାଜୁ ଦାସ, ସଞ୍ଜୟ ଦାସ, ବିଜୟ ଦାସ, ଗଣେଶ ଦାସ, ମହେଶ୍ୱର ପୃଷ୍ଟି ଓ ଭୀମସେନ ସାହୁ। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ଗୋଟିଏ ମଙ୍ଗଳସୂତ୍ର, ଏକହଳ ସୁନାଶଙ୍ଖା, ୬ଟି ମୁଦି, ୩ହଳ କାନଫୁଲ, ୨ଟି ଚେନ୍, ୨ଟି ଲକେଟ୍ ଓ ୨ ହଳ ପାଉଁଜି ଜବତ କରାଯାଇଛି।

ସୂଚନାଯୋଗ୍ୟ, ଗତ ୧୭ ତାରିଖ ରାତିରେ ଅଭିଯୁକ୍ତମାନେ ଖଣ୍ଡା ଦେଖାଇ ଭାଗ୍ୟଧର ଓ ପରିବାର ଲୋକଙ୍କୁ ଭୟଭୀତ କରିବା ସହ ଘରେ ଥିବା ଅଳଙ୍କାର ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୧୨/୨୧) ରୁଜୁ କରିଥିଲା। ତଦନ୍ତବେଳେ କେନ୍ଦ୍ରାପଡା ଅଞ୍ଚଳର ଏହି ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ପୋଲିସ ବିଶେଷସୂତ୍ରରୁ ଜାଣିବାକୁ ପାଇଥିଲା। ତଦନ୍ତକାରୀ ଅଧିକାରୀ ତପସ୍ୱିନୀ କାନୁନ୍‌ଗୋ ଏବଂ ଅନ୍ୟ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସେମାନଙ୍କ ନାମରେ ଚୌଦ୍ୱାର ଓ କେନ୍ଦ୍ରାପଡା ଜିଲାର ବିଭିନ୍ନ ଥାନାରେ ଡକାୟତି, ଲୁଟ୍, ରାହାଜାନୀ ଆଦି ମାମଲା ରହିଥିବା ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି।

ଘରେ ପଶି ଚୋରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ ପାହାଳ ଫାଣ୍ଡି ଅଧୀନ ଜଗନ୍ନାଥପୁର ଅଞ୍ଚଳର ବିନୋଦ କୁମାର ବେହେରା(୨୭) ଏବଂ କରୁଣାକର ଭୋଇ(୨୮)। ଏମାନଙ୍କ ନିକଟରୁ ୬୫ ହଜାର ୭୧୦ ଟଙ୍କା, ସୁନା ଅଳଙ୍କାର, ଗୋଟିଏ ଏଲ୍‌ଇଡି ଟିଭି, ଗୋଟିଏ ଟିଭି ଓ ମୋବାଇଲ ଫୋନ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ଆଇଆଇସି ପ୍ରଦୀପ ରାଉତ କହିଛନ୍ତି। ସୂଚନା ମୁତାବକ, ଗତ ୧୮ ତାରିଖରେ ଜଗନ୍ନାଥପୁର ପାତ୍ରସାହିର ରଣଜିତ୍ ପାତ୍ରଙ୍କ ପରିବାର ଲୋକେ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଘରେ କେହି ନ ଥିବା ବେଳେ ଦୁଇ ଅଭିଯୁକ୍ତ ଓ ତାଙ୍କର ସହଯୋଗୀମାନେ ଘର ତାଲା ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିନେଇଥିଲେ। ଏନେଇ ରଣଜିତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୫୨/୨୧) ରୁଜୁକରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବରପାଇ ପୋଲିସ ସୋମବାର କଟକରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



ବାଲିଅନ୍ତା ପୋଲିସ ଜବତ କରିଥିବା ଅଳଙ୍କାର, ଟଙ୍କା ଓ ମୋବାଇଲ ଫୋନ।

**ବାତ୍ୟା ବିପତ୍ତି**

## ସଂକ୍ଷେପରେ

### ଲକ୍‌ଡାଉନ୍‌ରେ ଚାଲିଥିଲା ଭାଙ୍ଗ ବେପାର

**ଦୋକାନରେ ଚଢ଼ାଉ, ୧୨ କେଜି ଭାଙ୍ଗ ଓ ୨ ଗ୍ରାଇଣ୍ଡର ଜବତ**

ଭୁବନେଶ୍ୱର,୨୫।୫(ବ୍ୟୁରୋ): ଲକ୍‌ଡାଉନରେ ବି ଅତି ଚତୁରତାର ସହ ଚାଲିଥିଲା ଭାଙ୍ଗ ବେପାର। ଭାଙ୍ଗ ନେବା ପାଇଁ ଆସୁଥିବା ଗ୍ରାହକଙ୍କୁ ଦୋକାନର କିଛି ଦୂରରେ ଛିଡାକରି ବଟାଭାଙ୍ଗକୁ ପାର୍ସଲ କରାଯାଉଥିଲା। ପୁରୁଣା ଭୁବନେଶ୍ୱରରେ ଚାଲିଥିବା ଏଭଳି ଏକ ଭାଙ୍ଗ ଦୋକାନରେ ମଙ୍ଗଳବାର ଲିଙ୍ଗରାଜ ଥାନା ପୋଲିସ ଚଢାଉ କରିଛି। ସେଠାରୁ ୧୨ କେଜି ଭାଙ୍ଗ, ୨ଟି ଗ୍ରାଇଣ୍ଡର ଓ ଅନ୍ୟ କିଛି ସାମଗ୍ରୀ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଭାଙ୍ଗ ବେପାରୀ ପୁରୁଣାଭୁବନେଶ୍ୱର ଗୋଡ଼ିପୋଖରୀ ସାହିର ସୁବାସ ଚନ୍ଦ୍ର ଦେବତା (୬୨)ଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସୁବାସ କେଉଟସାହିରେ ଭାଙ୍ଗଦୋକାନ କରି ସେଠାରେ ସେ ବିନା ଲାଇସେନ୍ସରେ ଭାଙ୍ଗ ବେପାର କରୁଥିଲେ। ଲକ୍‌ଡାଉନ ଓ ଶଟ୍‌ଡାଉନ ପାଇଁ ସମସ୍ତ ଦୋକାନ ବନ୍ଦ ରହିଥିବାବେଳେ ସୁବାସ ଭାଙ୍ଗ ବେପାର ଚୋରାରେ ଚଳାଉଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇବା ପରେ ମଙ୍ଗଳବାର ଲିଙ୍ଗରାଜ ଥାନାର ଏକ ଟିମ୍ ଗ୍ରାହକ ସାଜି ଦୋକାନ ଉପରେ ଚଢ଼ାଉ କରିଥିଲା। ଏନେଇ ପୋଲିସ ନଂ ୧୪୬/୨୧ରେ ଏକ ମାମଲା ରୁଜୁ ହୋଇଛି।

### କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ



ଭୁବନେଶ୍ୱର, ୨୫।୫ (ବ୍ୟୁରୋ): ନବ ଓଡ଼ିଶାର ବିଧାଣି, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା କାର୍ଯ୍ୟାଳୟରେ ସଭାପତି ଦିଲୀପ ଦାଶଶର୍ମା ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପଦେଷ୍ଟା ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସଙ୍କ ସହିତ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ମହେଶ୍ୱର ବିଶ୍ୱାଳ, ବାସନ୍ତୀ ତ୍ରିପାଠୀ, ଗୋପୀ ମୋହନ ପଟ୍ଟନାୟକ ପ୍ରମୁଖ ବହୁ ସଦସ୍ୟ କରୋନା କଟକଣା ପାଇଁ ନିଜ ଘରେ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ।



ରାଜଧାନୀ ଭୁବନେଶ୍ୱରରେ ବାତ୍ୟାଜନିତ ବର୍ଷା।



ପବନ ଓ ବର୍ଷାରୁ ରକ୍ଷା ପାଇବା ପାଇଁ କଟକ ଶ୍ରୀବିହାର କଲୋନୀରେ ଜଣେ ବ୍ୟକ୍ତି ଦୁର୍ବଳ ଘରକୁ ପାଲଦ୍ୱାରା ଘୋଡାଉଛନ୍ତି।

# ସତର୍କ ରହିବାକୁ ଥାନାଗୁଡ଼ିକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୫ (ବ୍ୟୁରୋ)

ବାତ୍ୟା 'ୟାସ୍'ର ମୁକାବିଲା ପାଇଁ କଟକ ଓ ଭୁବନେଶ୍ୱର କମିଶନରେଟ ପୋଲିସ ସଜାଗ ରହିଛି । ଏନେଇ ପୋଲିସ କମିଶନର (ସିପି) ସୌମେନ୍ଦ୍ର ପ୍ରିୟଦର୍ଶୀ ମଙ୍ଗଳବାର ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇ କହିଛନ୍ତି, ଦ୍ୱୈତନଗରୀର ସମସ୍ତ ଥାନାରେ ଅତିରିକ୍ତ ଫୋର୍ସ ମୁତୟନ କରାଯିବା ସହ ଥାନାଗୁଡିକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଥାନାରେ ଆବଶ୍ୟକ ସରଞ୍ଜାମ ମହଜୁଦ ରଖାଯାଇଛି। ଉଭୟ ଓଏସ୍‌ଏପି ସପ୍ତମ ବ୍ୟାଟାଲିଅନ୍ ଓ ଏସ୍‌ଏସ୍ ବାଟାଲିଅନ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ରାସ୍ତା ସଫା କରିବା ଓ ବାତ୍ୟା ଦ୍ୱାରା ଉପୁଡିପଡିଥିବା ଗଛଗୁଡିକୁ କାଟିବା ପାଇଁ କଟକ ଓ ଭୁବନେଶ୍ୱର ରିଜର୍ଭ ପୋଲିସ ଲାଇନଠାରେ ଆବଶ୍ୟକ ସରଞ୍ଜାମ ସହ ଛୋଟ ଛୋଟ ଟିମ୍‌କୁ ସଜାଗ ରଖାଯାଇଛି। ଏହାବ୍ୟତୀତ ଯୋଗାଯୋଗରେ ତ୍ରୁଟି ନ ହେବା ପାଇଁ ପ୍ରତ୍ୟେକ ଥାନାରେ ଜେନେରେଟର ବ୍ୟବସ୍ଥା କରାଯାଇଛି। ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଖବର ପାଇଲେ ପିସିଆର ଓ ଅନ୍ୟ ମୋବାଇଲ ଟିମ୍ ସେଠାକୁ ଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବ। ବିଏମ୍‌ସି ଓ ସିଏମ୍‌ସି ସହିତ ସମନ୍ୱୟ ରକ୍ଷା କରି ବାତ୍ୟା ଜନିତ ସ୍ଥିତିର ସଫଳ ମୁକାବିଲା ପାଇଁ କମିଶନରେଟ ପୋଲିସ ପ୍ରସ୍ତୁତ ରହିଛି ବୋଲି କମିଶନର ସୌମେନ୍ଦ୍ର କହିଛନ୍ତି।

## ଜଳ ନିଷ୍କାସନ ପାଇଁ ଅଗ୍ନିଶମ ବିଭାଗର ୧୫ ପମ୍ପସେଟ୍



ବାତ୍ୟାଜନିତ ବର୍ଷା ପାଇଁ ଭୁବନେଶ୍ୱରର ତଳିଆ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏପରି ସ୍ଥିତିରେ ଅଗ୍ନିଶମ ବାହିନୀ ପକ୍ଷରୁ ମଙ୍ଗଳବାର ଅପରାହ୍ନରୁ ମୋଟ୍ ୧୫ ପମ୍ପସେଟ୍ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ରଖାଯାଇଛି। ଅହଲ୍ୟାନଗର, ହଂସପାଳ ରୁଦ୍ରପୁର, ମେ'ଫେୟାର ଜ୍ୟୋସ୍ନା ଆପାର୍ଟମେଣ୍ଟ, ବୈରାଗୀ ନଗର, ନୟାପଲ୍ଲୀ ବେହେରା ସାହି, ତାରିଣୀ ମନ୍ଦିର ଭୋଇସାହି, ରବିଟକିଜ୍‌ର ଗୌରୀଗାର୍ଡେନ, ନୂଆପାଟଣା, ମଙ୍ଗଳା ମନ୍ଦିର, ଗଜପତି ନଗର, ପବିତ୍ର ଗେଷ୍ଟ ହାଉସ୍, ଶ୍ରୀରାମ ସିଟି, ଝାରପଡ଼ା ଶାନ୍ତିନଗର, ଗଡାଇଖାଲ, ପାଣ୍ଡବନଗର, ପଞ୍ଚସଖା ନଗର, ଜଗମୋହନ ନଗର ଭଳି ସ୍ଥାନରେ ପମ୍ପସେଟ୍ ସହ ଅଗ୍ନିଶମ କର୍ମଚାରୀ ମୁତୟନ ହୋଇଛନ୍ତି।

## ନନ୍ଦନକାନନ: ବାତ୍ୟା ମୁକାବିଲା ପାଇଁ ୩ ଟିମ୍

ବାରଙ୍ଗ, ୨୫।୫ (ଡି.ଏନ୍.ଏ.): ବାତ୍ୟା ମୁକାବିଲା ପାଇଁ ମଙ୍ଗଳବାର ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଓ ପରବର୍ତ୍ତୀ ସମୟରେ ସ୍ଥିତି ପରଖିବା ପାଇଁ ୩ଟି ଟିମ୍ ଗଠନ କରାଯାଇଛି। ଏସିଏଫ୍ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଏହି ଟିମ୍ ସଜାଗ ରହି ବାତ୍ୟାର ସ୍ଥିତି ପରଖି କାର୍ଯ୍ୟ କରିବେ। ସମସ୍ତ କର୍ମଚାରୀଙ୍କୁ ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ଆଲର୍ଟ ରହିବାକୁ କୁହାଯାଇଛି। ଏନ୍‌କ୍ଲୋଜରରେ ଥିବା ବଡ଼ ବଡ଼ ଗଛର ଡାଳ କଟାଯାଇଛି। ୩ ଟ୍ୟାଙ୍କର, ୩ ପାଟ୍ରୋଲିଂ ଗାଡି, ୩ ଟ୍ରାକ୍ଟର ସହ ୧୫ଦିନ ପାଇଁ ପଶୁପକ୍ଷୀଙ୍କ ଖାଦ୍ୟ, ଔଷଧଜେନେରେଟର, ଡିଜେଲ, କଟର ମେଶିନ, ଗ୍ୟାସଲାଇଟ, ଟର୍ଚ୍ଚ, ଦଉଡି ଆଦି ମହଜୁଦ ରଖାଯାଇଛି। ପବନ ଓ ବର୍ଷାର ସ୍ଥିତିକୁ ଦେଖି ପଶୁପକ୍ଷୀଙ୍କୁ ବ୍ୟାକକ୍ରାଲ ଓ ଫିଡିଂ ଚାମ୍ବରରେ ରଖିବା ସହ ପକ୍ଷୀଙ୍କର ଏନ୍‌କ୍ଲୋଜର ଆଗ ଜାଲିକୁ ଆବଦ୍ଧ କରିବାକୁ କୁହାଯାଇ ଏସିଏଫ୍ ପରିଡା କହିଛନ୍ତି।

## ଜରୁରିକାଳୀନ ସେବା ପାଇଁ ୧୦ ଆମ୍ବୁଲାନ୍ସ

**ବିଏମ୍‌ସିର ବାତ୍ୟା ମୁକାବିଲା ପ୍ରସ୍ତୁତି**

ଭୁବନେଶ୍ୱର, ୨୫।୫ (ବ୍ୟୁରୋ)

ବାତ୍ୟା ମୁକାବିଲା ସହ ସୁପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବାତ୍ୟା ସମୟରେ ଲୋକଙ୍କ ଥଇଥାନ ପାଇଁ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଥିବାବେଳେ ମଙ୍ଗଳବାର ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଏହାକୁ ବୁଲି ଦେଖିଥିଲେ। ଆଶ୍ରୟସ୍ଥଳରେ ଯେପରି ଲୋକଙ୍କର କୌଣସି ଅସୁବିଧା ନ ହୁଏ ସେ ନେଇ ତଦାରଖ କରିଥିଲେ। ବର୍ଷା, ପବନକୁ ଦେଖି ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ବର୍ଷା ଜଳ ନିଷ୍କାସନର ସମସ୍ୟା ନ ଉପୁଜିବାକୁ ସମସ୍ତ ଡ୍ରେନ୍‌କୁ ସଫା କରାଯାଇଛି। ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍‌ଡମା)କୁ ୨୫ ଜେନେରେଟର, ୧ଶହ ଆସ୍କା ଲାଇଟ୍ ଓ ୧ଶହ କଟର ଯୋଗାଇ ଦେବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ପବନ ସମୟରେ ଗଛ ପଡି କୌଣସି ରାସ୍ତା ଯେପରି ବନ୍ଦ ନ ହୁଏ ସେଥିପାଇଁ କର୍ମଚାରୀମାନେ ସଜାଗ ରହିଛନ୍ତି। ଜଳମଗ୍ନ ଆଶଙ୍କା ଥିବା ସ୍ଥାନ ବିଶେଷକରି ତଳି ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ଯଥେଷ୍ଟ ପରିମାଣର ପମ୍ପ ସେଟ୍ ଲଗାଯାଇଛି। ଏହା ବ୍ୟତୀତ ବାତ୍ୟା ସମୟରେ ଚିକିତ୍ସା ସେବା ଯୋଗାଇଦେବା ପାଇଁ ୧୦ଟି ଆମ୍ବୁଲାନ୍ସକୁ ମୁତୟନ କରାଯାଇଛି। ସୂଚନା ପାଇବା ମାତ୍ରେ ଆମ୍ବୁଲାନ୍ସ ସମ୍ପୃକ୍ତ ବ୍ୟକ୍ତିଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣିବାର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ହେଲେ ସହରବାସୀ ବିଏମ୍‌ସି ପକ୍ଷରୁ ଦିଆଯାଇଥିବା ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରି ପାରିବେ। ଏହା ୨୪ଘଣ୍ଟିଆ ସେବା ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି।

# ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**୨୮୬୮ ସ୍ଥାନାନ୍ତର, ୨୩ ଆସନ୍ନପ୍ରସବା ଡାକ୍ତରଖାନାରେ ଭର୍ତ୍ତି**

ନିଶ୍ଚିନ୍ତକୋଇଲି, ୨୫।୫ (ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକରେ ବାତ୍ୟା 'ୟାସ' ପ୍ରଭାବରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ ଆରମ୍ଭ ହୋଇଯାଇଛି। ବାତ୍ୟା ସମୟରେ ଜିରୋ କାଜୁଆଲ୍‌ଟି ପାଇଁ ମନ୍ତ୍ରୀ ପ୍ରତାପ ଜେନାଙ୍କ ତାଗିଦ୍ କରିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ଭବାନୀଶଙ୍କର ଚୟନୀ ମଙ୍ଗଳବାର ନିଶ୍ଚିନ୍ତକୋଇଲି ବ୍ଲକର ନଗସରପୁର ଓ ଦାଉଦପୁର ପଞ୍ଚାୟତ ଗସ୍ତରେ ଆସି ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ତଦାରଖ କରିଛନ୍ତି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳରେ ସ୍ଥାନାନ୍ତରମାନଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯିବା ସହ ମାସ୍କ ଓ ସାନିଟାଇଜର ପ୍ରଦାନ କରିବାକୁ ଜିଲାପାଳ ଚୟନୀ ନିର୍ଦ୍ଦେଶ ଦେଇଛନ୍ତି।

ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଅନ୍ତର୍ଗତ ୩୬ଟି ପଞ୍ଚାୟତର ୨୮୬୮ ଜଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୫୭୦ ଜଣ ଶିଶୁ ରହିଛନ୍ତି। ୨୩ ଜଣ ଆସନ୍ନ ପ୍ରସବାକୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୃହ ସଙ୍ଗରୋଧରେ ଥିବା ୨୬ କରୋନା ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ଆଇସୋଲେଶନ ରୁମର ବ୍ୟବସ୍ଥା କରାଯାଇଛି। ଉତ୍ତରକୂଳ ପଞ୍ଚାୟତରେ ସର୍ବାଧିକ ୧୫୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି।ଗୃହ ପାଳିତ ପ୍ରାଣୀମାନଙ୍କୁ ସ୍ୱତନ୍ତ୍ର ଭାବେ ଦାଉଦପୁର, ରାମକୃଷ୍ଣପୁର ଓ ଉତ୍ତରକୂଳ ଆଦି ପଞ୍ଚାୟତରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ବିଡିଓ, ତହସିଲଦାର, ମେଡିକାଲ ଅଫିସର, ଭେଟେନାରି ଅଫିସର ଓ ଆଇସିଡିଏସର କର୍ମଚାରୀମାନେ ନିଜ ନିଜ ବିଭାଗର ସମୀକ୍ଷା କରି କଣ୍ଟ୍ରୋଲ ରୁମକୁ ସୂଚନା ଦେଉଛନ୍ତି।



ଜିଲାପାଳ ଭବାନୀଶଙ୍କର ଚୟନୀ ନିଶ୍ଚିନ୍ତକୋଇଲିର ଏକ ବାତ୍ୟା ଆଶ୍ରୟସ୍ଥଳରେ ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।



କଟକ ତୁଳସୀପୁର ଗୋରାକବର ହାଇସ୍କୁଲରେ ଆଶ୍ରୟ ନେଇଥିବା ବସ୍ତିର ଲୋକେ।

# ୧୪,୮୩୯ ବସ୍ତିବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର

**କଟକ ମହାନଗର ନିଗମ**

କଟକ ଅଫିସ,୨୫।୫

ବାତ୍ୟା 'ୟାସ୍' ପ୍ରଭାବରେ ଦୁଇଦିନ ହେବ କଟକରେ ଲଗାଣ ବର୍ଷା ଜାରି ରହିଛି। ତେବେ ପବନ ଓ ବର୍ଷାକୁ ଆଖି ଆଗରେ ରଖି କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସହରରେ ଥିବା ୨୬ଟି ବସ୍ତିର ୧୪,୮୩୯ ଲୋକଙ୍କୁ ୨୩ଟି ସ୍କୁଲଘରେ ମଙ୍ଗଳବାର ଥଇଥାନ କରାଯାଇଛି। ସିଏମ୍‌ସି ଅଧିକାରୀ ଅବିନାଶ ରାଉତ ଓ ପରେଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ୪ଟି ଟିମ୍ ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତର କାମରେ ନିୟୋଜିତ ଥିଲେ। ଥଇଥାନ ହୋଇଥିବା ଲୋକଙ୍କ ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିୟୋଜିତ କରାଯାଇଛି। ଏଥିସହ ପକ୍କାଘରେ ଥିବା ଲୋକମାନଙ୍କୁ ଜରୁରିକାଳୀନ ଲାଇଟ୍, ଟର୍ଚ୍ଚ, ଖାଦ୍ୟ ସାମଗ୍ରୀ ପାଖରେ ରଖିବାକୁ ସିଏମ୍‌ସି ପକ୍ଷରୁ କୁହାଯାଇଛି।

ସେହିପରି କଟକ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଗ୍ରାମର ତଳି ଅଞ୍ଚଳରେ ଥିବା ମା' ଓ ଶିଶୁ, ଅନ୍ୟାନ୍ୟ ପରିବାରବର୍ଗଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା କୋଭିଡ୍ ନିୟମ ବିଷୟରେ ସଚେତନ କରାଯାଉଛି। ମେ' ୨୪ରୁ ଜୁନ୍ ୧ ତାରିଖ ମଧ୍ୟରେ ପ୍ରସବ ତାରିଖ ଥିବା ମୋଟ୍ ୫୭୦ ଗର୍ଭବତୀଙ୍କୁ ଚିହ୍ନଟ କରାଯାଇ ନିରାପଦ ସ୍ଥାନକୁ ନିଆଯାଇଛି ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ମଙ୍ଗଳବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

# ଖୋଜାପଡ଼ିଲା ଡିବିରି, ଲଣ୍ଠନ

ଅଶୋକ କୁମାର ମହାପାତ୍ର

ନିଶ୍ଚିନ୍ତକୋଇଲି,୨୫।୫

ଡିଜିଟାଲ ଯୁଗରେ ଅଲୋଡ଼ା ହୋଇପଡ଼ିଥିବା ଡିବିରି, ଲଣ୍ଠନ, ଚେମେଣି ଓ ମହମବତି ଏବେ ପୁଣି ଖୋଜା ପଡିଛି। ବାତ୍ୟା 'ୟାସ' ପ୍ରଭାବରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଆଶଙ୍କାରେ ଏସବୁ ପାରମ୍ପରିକ ସାମଗ୍ରୀକୁ ଲୋକେ ପୁଣି ଏକତ୍ରିତ କରୁଛନ୍ତି। ବାତ୍ୟା ଆସିଲେ ଲୋକମାନଙ୍କ ଏସବୁ ଅଲୋଡା ଜିନିଷ କଥା ମନେ ପଡ଼େ। ଏବେ ବାତ୍ୟା ପାଇଁ ବିଶେଷ କରି ଘରର ଗୃହିଣୀମାନଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳୁଛି। ପୂର୍ବରୁ ଅନେକ ସମୟରେ ବିଦ୍ୟୁତ୍ କଟ୍ ହେବା ପରେ ଏସବୁର ଆବଶ୍ୟକ ହେଉଥିଲା। ମାତ୍ର ଜେନେରେଟର ଓ ଇନଭର୍ଟର ଆଦି ବଜାରକୁ ଆସିବା ଏହାର ବ୍ୟବାହାର ବହୁଳ ମାତ୍ରାରେ କମିଯାଇଥିଲା। କିନ୍ତୁ ବାତ୍ୟା ସମୟରେ ବିଦ୍ୟୁତ୍ ଖୁଣ୍ଟ ଉପୁଡିବା ଓ ତାର ଛିଣ୍ଡିବା ଭଳି ଘଟଣା ଅତି ସାଧାରଣ। ଫଳରେ ବହୁ ସମୟ ଧରି ବିଦ୍ୟୁତ୍ ସରବରାହ ଆଦି ବିଚ୍ଛିନ୍ନ ହେବାର ନଜୀର ପୂର୍ବରୁ ରହିଛି। ଏହି ସମୟରେ ଜେନେରେଟର ଓ ଇନଭର୍ଟର ଆଦି ଅଧିକ ସମୟ ପାଇଁ ଲୋକଙ୍କ ଆବଶ୍ୟକତା ପୂରଣ କରି ପାରି ନ ଥାଏ। ଏବେ ଆସନ୍ନ ବାତ୍ୟାକୁ ଆଖି ଆଗରେ ରଖି ନିଶ୍ଚନ୍ତକୋଇଲି ବ୍ଲକରେ କିଏ ପୂର୍ବରୁ ସୁରକ୍ଷିତ କରି ରଖିଥିବା ଡିବିରି, ଲଣ୍ଠନ ଓ ଚେମେଣିକୁ ମରାମତି କରୁଛି ଆଉ କିଏ ସେଥିରେ କିରୋସିନି ଭରି ପ୍ରସ୍ତୁତ କରି ରଖୁଛି। ଫଳରେ ବିଭିନ୍ନ ଦୋକାନରେ ବିକ୍ରି ହୋଇ ନ ପାରି ପଡ଼ି ରହିଥିବା ଡିବିରି, ଲଣ୍ଠନ ଓ ମହମବତି ଆଦି ସାମଗ୍ରୀର ଚାହିଦା ବଢ଼ିଯାଇଛି। ବ୍ୟବସାୟୀମାନେ ଏସବୁ ବିକ୍ରି କରି ପୁରୁଣା ଷ୍ଟକ ଖାଲି କରିପାରିଥିବାରୁ ଖୁସିବ୍ୟକ୍ତ କରିଛନ୍ତି।



ଜଣେ ମହିଳା ଲଣ୍ଠନ ସଫା କରୁଛନ୍ତି।



ଘରେ ଇନଭର୍ଟର ଅଛି। ଅଳ୍ପ ସମୟ ପାଇଁ ବିଦ୍ୟୁତ୍ କଟିଲେ କିଛି ଜଣାପଡେନା, କିନ୍ତୁ ବାତ୍ୟା ଆସିଲେ କଟିଯାଇଥିବା ଲାଇଟ୍ କେବେ ଆସିବ ଜାଣି ହୁଏ ନାହିଁ। ଫଳରେ ବିଦ୍ୟୁତ୍ ଉପରୁ ଭରସା ତୁଟିଯାଏ। ଗତ ଫନୀ ବାତ୍ୟା ସମୟରେ ଲଣ୍ଠନ ଓ ଡିବିରି ଆଦି କିଣିଥିଲୁ। ମାତ୍ର ପରେ ସେଗୁଡ଼ିକ ବ୍ୟବହାରରେ ଆସି ନଥିବାରୁ ନଷ୍ଟ କରିଦେଇଥିଲୁ। ଏବେ ବଜାରରୁ ସେଗୁଡ଼ିକୁ ଚଢା ଦରରେ କିଣିବାକୁ ପଡୁଛି।

**ମିତାଲୀ ମିଶ୍ର, ଗୃହିଣୀ ,ଗୋପପୁର**



ବିଦ୍ୟୁତ ଉପରେ ସମସ୍ତେ ନିର୍ଭରଶୀଳ ହୋଇଥିଲେ ହେଁ ସଞ୍ଜ ହେଲେ ଲଣ୍ଠନ, ଡିବିରି ଆଦି କିଛି ସମୟ ପାଇଁ ବ୍ୟବହାର କରିଥାଉ। ଏବେ ଆବଶ୍ୟକ ସମୟରେ ଏସବୁ ସାମଗ୍ରୀ ସୁରକ୍ଷିତ ଥିବାରୁ ବାତ୍ୟା ସମୟରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ ବୋଲି ଆଶା କରୁଛି।

**ମିତାରଣୀ ଦାସ, ଗୃହିଣୀ, ନିଶ୍ଚିନ୍ତକୋଇଲି**



ନିଶ୍ଚିନ୍ତକୋଇଲି ବଜାରରେ ମୋର ଏକ ଲୁହାକଣ୍ଟା ଦୋକାନ ଅଛି। ଦୋକାନରେ ଡିବିରି, ଲଣ୍ଠନ, ଚେମେଣିର କାଚ ଏବଂ ଫିତା ବିକ୍ରି ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଫଳରେ ଏସବୁ ସାମଗ୍ରୀ ଦୋକାନରେ ବହୁଦିନ ଧରି ଗଦା ହୋଇ ରହିଥିଲା। ବାତ୍ୟା ଆସିବା ଶୁଣି ଲୋକେ ଏହାକୁ କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ଏସବୁ ସାମଗ୍ରୀ ବିକ୍ରି ହୋଇଯାଉଛି।

**ଉମେଶ ସାହୁ, ବ୍ୟବସାୟୀ, ନିଶ୍ଚିନ୍ତକୋଇଲି ବଜାର**

# ଆଶ୍ରୟସ୍ଥଳରେ ରହିଲେ ୮୦୦ ଲୋକ



**ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କଲେ ବିଧାୟକ**

ଚୌଦ୍ୱାର,୨୫।୫(ଡି.ଏନ୍.ଏ.)

ବାତ୍ୟା 'ୟାସ୍' ମୁକାବିଲା ଓ ସହରବାସୀଙ୍କୁ ସୁରକ୍ଷିତ ରଖିବା ଦିଗରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ତେବେ ଏହାର ସମୀକ୍ଷା କରିଛନ୍ତି ବିଧାୟକ ସୌଭିକ୍ ବିଶ୍ୱାଳ। ପୌର ସଭାଗୃହରେ ଆୟୋଜିତ ବୈଠକରେ ବାତ୍ୟା ସମୟରେ ଲୋକଙ୍କ ସୁରକ୍ଷା ଓ ବାତ୍ୟା ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା ଓ କର୍ମଚାରୀମାନଙ୍କଠାରୁ ବିଧାୟକ ପଚାରି ବୁଝିଥିଲେ। ବାତ୍ୟା ପୂର୍ବରୁ ଚୌଦ୍ୱାରର ବିଭିନ୍ନ ବସ୍ତିରେ ରହୁଥିବା ୮୦୦ଲୋକଙ୍କୁ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲ ଓ ଚୌଦ୍ୱାର କଲେଜରେ ହୋଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଛି। ଏଥିସହ କପାଳେଶ୍ୱରସ୍ଥିତ କଲ୍ୟାଣମଣ୍ଡପ, ମଧୁସୂଦନ ଆଇଟିଆଇ ଓ ଓଟିଏମ୍ ହାଇସ୍କୁଲକୁ ପୂର୍ଣ୍ଣାଙ୍ଗ ଭାବେ ପ୍ରସ୍ତୁତ ରଖାଯାଇଥିବା ବେହେରା କହିଛନ୍ତି। ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ, ଜରୁରୀ ଔଷଧ, ପାଣି ଏବଂ ଅନ୍ୟ ଆନୁସଂଗୀକ ବ୍ୟବସ୍ଥା କରିବାକୁ ବିଧାୟକ ପୌର ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ କନିଷ୍ଠଯନ୍ତ୍ରୀ ସଞ୍ଜୟ ସାମଲ, କଟକ ଜିଲା ବିଜେଡି ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡ଼ା, ଅର୍ଜୁନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପରେ ବିଧାୟକ ବିଶ୍ୱାଳ ବିଭିନ୍ନ ବାତ୍ୟା ଅଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ଅନୁରୂପଭାବେ କୟଳପଡ଼ାସ୍ଥିତ ବାତ୍ୟା ଅଶ୍ରୟସ୍ଥଳ ବିଧାୟକ ଅନୁଧ୍ୟାନ କରିବା ସହିତ ଲୋକମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ସରପଞ୍ଚ ଏବଂ ସରକାରୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ୧୭୪ ବାତ୍ୟା ଆଶ୍ରୟସ୍ଥଳକୁ ୭୬୯୮ ସ୍ଥାନାନ୍ତର

## ଜିଲାରେ ୨୨୪ ମିଲିମିଟର ବର୍ଷା ରେକର୍ଡ

**ଖୋର୍ଦ୍ଧା ଅଫିସ,୨୫।୫**

ଖୋର୍ଦ୍ଧା ଜିଲାରେ ବାତ୍ୟା 'ୟାସ୍' ର ପ୍ରଭାବ ଦେଖିବାକୁ ମିଳିଛି। ମଙ୍ଗଳବାର ଜିଲାର ବିଭିନ୍ନ ସ୍ଥାନରେ ଦିନତମାମ ବର୍ଷା, ପବନ ଲାଗି ରହିଛି। ସନ୍ଧ୍ୟା ପର ଠାରୁ ପବନର ବେଗ ସହିତ ବର୍ଷାର ପରିମାଣ ବଢ଼ିଛି। ସରକାରୀ ତଥ୍ୟ ଅନୁଯାୟୀ ଜିଲାରେ ସନ୍ଧ୍ୟା ୬ଟା ସୁଦ୍ଧା ୨୨୪ ମିଲିମିଟର ବର୍ଷା ପରିମାଣ ରେକର୍ଡ କରାଯାଇଛି। ବାଲିପାଟଣା ବ୍ଲକରେ ସର୍ବାଧିକ ୬୨ ମିଲିମିଟର ବର୍ଷା ହୋଇଛି। ବାଲିଅନ୍ତା ୩୬, ଭୁବନେଶ୍ୱର ୩୬, ଜଟଣୀ ୨୮,ବାଣପୁର ୧୯, ବେଗୁନିଆ ୨୦, ବୋଲଗଡ଼ ୫୬, ଚିଲିକା ୧୭, ଖୋର୍ଦ୍ଧା ୩୬ ଏବଂ ଟାଙ୍ଗୀରେ ୨୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନ ପକ୍ଷରୁ ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନର ରିପୋର୍ଟ ଅନୁସାରେ ସନ୍ଧ୍ୟା ସୁଦ୍ଧା ଜିଲାର ୧୦ଟି ବ୍ଲକ ଏବଂ ୨ ମ୍ୟୁନିସିପାଲଟି ଏବଂ ୨ ଏନଏସି ଅଞ୍ଚଳରୁ ୭୬୯୮ଜଣଙ୍କୁ ୧୭୪ଟି ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ତନ୍ମଧ୍ୟରୁ ୫୮୯୮ଜଣ ମହିଳା ଓ ପୁରୁଷ ଏବଂ ୧୮୩୧ ଶିଶୁ ରହିଛନ୍ତି। ୧୨୨ଟି କେନ୍ଦ୍ରରେ ଫ୍ରି କିଚେନ ଆରମ୍ଭ ହୋଇଛି। ସେହିପରି ୧୨୬ ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ସ୍ଥିତିକୁ ଦେଖି ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଜିଲାପାଳ ସନତ ମହାନ୍ତି କହିଛନ୍ତି, ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ସମସ୍ତ ଉପକୂଳ, ତଳିଆ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ଗର୍ଭବତୀଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିକଟରେ ପ୍ରସବ ତାରିଖ ଥିବା ଗର୍ଭବତୀଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି। ଚିଲିକାକୁ ମତ୍ସ୍ୟଜୀବୀଙ୍କୁ ନ ଯିବା ପାଇଁ ବାରଣ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜୀବନରକ୍ଷାକାରୀ ଔଷଧ ମହଜୁଦ ରହିଛି। ଦ୍ରୁତ ସେବା ପ୍ରଦାନ ଲାଗି ମେଡିକାଲ ଟିମ ପ୍ରସ୍ତୁତ ରହିଛନ୍ତି। ୮ଟି ଅଗ୍ନିସେବା ଟିମ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି। ବୁଧବାର ୟାସ୍ ର ପ୍ରଭାବରେ ବର୍ଷା ଏବଂ ପବନର ବେଗ ବଢ଼ିବା ଆଶଙ୍କା ଥିବାରୁ ଗଛକଟା ଟିମ୍‌କୁ ଆଲର୍ଟ କରାଯାଇଛି। ଆଇନେସ ଚିଲିକା ପକ୍ଷରୁ ୟାସ୍ ବାତ୍ୟା ପ୍ରଭାବିତ ଅଞ୍ଚଳରେ ସେବା ଯୋଗାଇବାକୁ ବିଭିନ୍ନ ଅଞ୍ଚଳରେ ପହଞ୍ଚିଛନ୍ତି। ବାତ୍ୟା ସମୟରେ ଆଶ୍ରୟସ୍ଥଳରେ ରହିଥିବା ଅନ୍ତେବାସୀ ସାମାଜିକ ଦୂରତ୍ୱ ସହ ମାସ୍କ ବ୍ୟବହାର କରନ୍ତୁ। ହୋମ ଆଇସୋଲେସନରେ ଥିବା ରୋଗୀଙ୍କ ଠାରୁ ଦୂରେଇ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।



ଉପଜିଲାପାଳ ଅଶୋକ ବେଉରିଆ ବାଲୁଗାଁ, ଚିଲିକା ବାତ୍ୟା ଆଶ୍ରୟସ୍ଥଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି।

## ଆଶ୍ରୟସ୍ଥଳରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ

**ବାଲୁଗାଁ,୨୫।୫(ଡି.ଏନ୍.ଏ.)**

ବାତ୍ୟା 'ୟାସ୍' ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉପଜିଲାପାଳ ଅଶୋକ ବେହୁରିଆଙ୍କ ନେତୃତ୍ୱରେ ଚିଲିକା ତହସିଲଦାର ପୁନମ ମହାପାତ୍ର, ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡ଼ାଙ୍ଗୁଆ, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର ଏବଂ ବାଲୁଗାଁ ଆଇଆଇସି ରମାକାନ୍ତ ମହାଲିକ ସଦଳବଳେ ମଙ୍ଗଳବାର ଅପରାହ୍ନରେ ବାଲୁଗାଁ ଚିଲିକା ତଟବର୍ତ୍ତୀ ଶାନ୍ତିନଗର, ଗୋପବନ୍ଧୁ କଲୋନୀ ଓ ତାଳପଟି ବସ୍ତିରୁ ମୋଟ ୫୨ଜଣଙ୍କୁ ବାଲୁଗାଁ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରିଛନ୍ତି। ସେହିପରି ଚିଲିକା ବ୍ଲକ ଅଧୀନ ନଈରୀ, ବଉଳାବନ୍ଧ, କୁମାଣ୍ଡଳ ପାଟଣା, ସୋରଣ ଓ ବଡ଼କୂଳ ଆଦି ଅଞ୍ଚଳରୁ ମୋଟ ୩୧୧ଜଣଙ୍କୁ ୫ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ଅନ୍ୟ କେତେକ ଗ୍ରାମରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଲୋକଙ୍କୁ ରାତ୍ର ମଧ୍ୟରେ ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କୋଭିଡ୍ ନିୟମ ଅନୁଯାୟୀ ଆଶ୍ରୟସ୍ଥଳ ଗୁଡ଼ିକରେ ଅନ୍ତେବାସୀଙ୍କୁ ସାମାଜିକ ଦୂରତ୍ୱ ବ୍ୟବଧାନକ୍ରମେ ଥଇଥାନ କରାଯାଇଛି। ଏଥିସହ ରନ୍ଧା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି। କେତେଜଣ ଲୋକ ଭିଟାମାଟି ଛାଡ଼ି ଯିବାକୁ କୁଣ୍ଠାବୋଧ ପ୍ରକାଶ କରିଥିଲେ ମଧ୍ୟ ପ୍ରଶାସନ ସେମାନଙ୍କୁ ବୁଝାଶୁଝା କରି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଉଦ୍ୟମ ଜାରି ରଖିଛି।

## ୬ ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ବେଗୁନିଆ,୨୫।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ କରୋନା ଉପରମୁହାଁ ହେବାରେ ଲାଗିଛି। ସୋମବାର ଏହି ବ୍ଲକ ଅଞ୍ଚଳରେ ୩୧ଜଣ ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ଲକର ୬ଟି ଗ୍ରାମକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ସେଥିରୁ ପୋଡ଼ାଡିହ ପଞ୍ଚାୟତର ୩ଟି ଗାଁ ରହିଛି। ଉପଜିଲାପାଳ ଅଶୋକ ବେହୁରିଆ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ପୋଡାଡିହ ଗ୍ରାମର ୧୫୦ ପରିବାର ଓ ୧୦୩୫ ଜଣ, ଦୁର୍ଗାପୁର ପଞ୍ଚାୟତ ବେଙ୍ଗିଟାଙ୍ଗୀ ଗ୍ରାମର ୮୦ ପରିବାର ଓ ୫୫୦ ଲୋକ, ପୋଡାଡିହ ପଞ୍ଚାୟତ ପାଇକରା ସାହିର ୧୪୦ ପରିବାର ଓ ୯୯୦ ଲୋକ, ସିମୋର ପଞ୍ଚାୟତ କଣ୍ଟାମଳିମ ଗାଁର ୪୨ ପରିବାର ଓ ୧୭୦ ଜନସାଧାରଣ, କୁଞ୍ଜୁରି ପଞ୍ଚାୟତ କୁଞ୍ଜୁରି ଗ୍ରାମର ୧୨୫ ପରିବାର ଓ ୭୧୦ ଲୋକ ଏବଂ ପୋଡାଡିହ ପଞ୍ଚାୟତ ପୋଡାଡିହ ପାଟଣା ଗ୍ରାମର ୯୮ ପରିବାର ଓ ୧୦୨୦ ଲୋକଙ୍କ ପାଇଁ ମଙ୍ଗଳବାର ସନ୍ଧ୍ୟା ୭ଟାରୁ ଆସନ୍ତା ୩ ତାରିଖ ରାତି ୯ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏହି କଣ୍ଟେନ୍‌ମେଣ୍ଟ ଅଞ୍ଚଳର ଲୋକେ କେହି ବାହାରକୁ ଯିବେ ନାହିଁ ଏବଂ ବାହାର ଲୋକ ଏହି ଅଞ୍ଚଳରେ ପ୍ରବେଶ କରିବେ ନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ।

## ସଂକ୍ଷେପରେ

### ୩୦୩ ପଜିଟିଭ, ୧୯୫ ସୁସ୍ଥ

**ଖୋର୍ଦ୍ଧା ଅଫିସ,୨୫।୫:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ମଙ୍ଗଳବାର ୩୦୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୯୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୩୩, ବାଲିପାଟଣା ୩୬, ଭୁବନେଶ୍ୱର ବ୍ଲକ ୫, ଜଟଣୀ ୨୬, ଖୋର୍ଦ୍ଧା ୪୭, ବେଗୁନିଆ ୨୮, ବୋଲଗଡ଼ ୨୧, ଟାଙ୍ଗୀ ୪୦, ଚିଲିକା ୪୧ ଏବଂ ବାଣପୁରର ୨୭ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମଙ୍ଗଳବାର ସୁଦ୍ଧା ୧୮୭୫ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ଘରେ ପଶି ଚୋରି

**ଜଟଣୀ,୨୫।୫(ଡି.ଏନ୍.ଏ.):** କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଜଟଣୀ ଅଞ୍ଚଳରେ ଚୋରଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ଜଟଣୀ ପୌରାଞ୍ଚଳ ଅଧୀନ ବାଲିଛକ ସାହି ଅଞ୍ଚଳରେ ରହୁଥିବା ସୁରେନ୍ଦ୍ର ନାଥ ମିଶ୍ରଙ୍କ ଘରୁ ସୋମବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ୧୬ଫୁଟର ତମ୍ବା ପାଇପ, ଏସି କମ୍ପ୍ରେସର ସହ ୧୫ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଆସବାବପତ୍ର ଚୋରି କରିନେଇଛନ୍ତି। ଏନେଇ ମିଶ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ମିଶ୍ରଙ୍କ ଘରୁ ପ୍ରାୟ ୧୦ଥର ଚୋରି ହେବା ଫଳରେ ଭୟଭୀତ ଅବସ୍ଥାରେ ରହିଛନ୍ତି।

### ଦୋକାନରେ ଚଢ଼ାଉ, ୧୨ କେଜି ଭାଙ୍ଗ ଜବତ

**ଭୁବନେଶ୍ୱର,୨୫।୫(ବ୍ୟୁରୋ):** ଲକଡାଉନରେ ବି ଅତି ଚତୁରତାର ସହ ଚାଲିଥିଲା ଭାଙ୍ଗ ବେପାର। ଭାଙ୍ଗ ନେବା ପାଇଁ ଆସୁଥିବା ଗ୍ରାହକଙ୍କୁ ଦୋକାନର କିଛି ଦୂରରେ ଛିଡ଼ାକରି ବଟାଭାଙ୍ଗକୁ ପାର୍ସଲ କରାଯାଉଥିଲା। ପୁରୁଣା ଭୁବନେଶ୍ୱରରେ ଚାଲିଥିବା ଏଭଳି ଏକ ଭାଙ୍ଗ ଦୋକାନରେ ମଙ୍ଗଳବାର ଲିଙ୍ଗରାଜ ଥାନା ପୋଲିସ ଚଢ଼ାଉ କରିଛି। ସେଠାରୁ ୧୨ କେଜି ଭାଙ୍ଗ, ୨ଟି ଗ୍ରାଇଣ୍ଡର ଓ ଅନ୍ୟ କିଛି ସାମଗ୍ରୀ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଭାଙ୍ଗ ବେପାରୀ ପୁରୁଣାଭୁବନେଶ୍ୱର ଗୋଡ଼ିପୋଖରୀ ସାହିର ସୁବାଷ ଚନ୍ଦ୍ର ଦେବତା (୬୨)ଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ସୁବାଷ କେଉଟସାହିରେ ଭାଙ୍ଗଦୋକାନ କରି ସେଠାରେ ସେ ବିନା ଲାଇସେନ୍ସରେ ଭାଙ୍ଗ ବେପାର କରୁଥିଲେ। ଲକ୍‌ଡାଉନ ଓ ଶଟ୍‌ଡାଉନ ପାଇଁ ସମସ୍ତ ଦୋକାନ ବନ୍ଦ ରହିଥିବାବେଳେ ସୁବାଷ ଭାଙ୍ଗ ବେପାର ଚୋରାରେ ଚଳାଉଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇବା ପରେ ମଙ୍ଗଳବାର ଲିଙ୍ଗରାଜ ଥାନାର ଏକ ଟିମ୍ ଗ୍ରାହକ ସାଜି ଦୋକାନ ଉପରେ ଚଢ଼ାଉ କରି କରିଥିଲା। ଏନେଇ ପୋଲିସ ନଂ ୧୪୬/୨୧ରେ ଏକ ମାମଲା ରୁଜୁ ହୋଇଛି।

### ନୃସିଂହ ଭଗବାନଙ୍କ ଜନ୍ମୋତ୍ସବ

**ଖୋର୍ଦ୍ଧା ଅଫିସ,୨୫।୫:** ଖୋର୍ଦ୍ଧା ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ନୃସିଂହ ଭଗବାନଙ୍କ ଜନ୍ମୋତ୍ସବ ମଙ୍ଗଳବାର କୋଭିଡ୍ କଟକଣା ମଧ୍ୟରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଆ ଭାଗବତ ସପ୍ତମ ସ୍କନ୍ଦର ଅଷ୍ଟମ ଅଧ୍ୟାୟ ପାରାୟଣ ପାଠ କରାଯାଇଥିଲା। ମହନ୍ତ ହରିଦାସ, ବୋଧାୟନ ମହାରାଜ, ବାବା ବନମାଳି ଦାସ, ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ ନୃସିଂହନାଥଙ୍କ ଜନ୍ମୋତ୍ସବର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିଥିଲେ। ଶିକ୍ଷାବିତ ଜଗଦିଶ ପଟ୍ଟନାୟକ, ଶିଶିର ରାଉତଙ୍କ ସମେତ ଅନୁଷ୍ଠାନର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ):** ନବ ଓଡ଼ିଶାର ବିନ୍ଧାଣି, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା କାର୍ଯ୍ୟାଳୟରେ ସଭାପତି ଦିଲୀପ ଦାଶଶର୍ମା ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଉପଦେଷ୍ଟା ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସଙ୍କ ସହିତ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ମହେଶ୍ୱର ବିଶ୍ୱାଳ, ବାସନ୍ତୀ ତ୍ରିପାଠୀ, ଗୋପୀ ମୋହନ ପଟ୍ଟନାୟକ ପ୍ରମୁଖ ବହୁ ସଦସ୍ୟ କରୋନା କଟକଣା ପାଇଁ ନିଜ ଘରେ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ।



ବାତ୍ୟା 'ୟାସ୍' ପ୍ରଭାବରେ ମଙ୍ଗଳବାର ମେଘାଚ୍ଛନ୍ନ ପୁରୀ ଆକାଶ।

## ଡାକ୍ତରଙ୍କୁ ଘର ମାଲିକଙ୍କ ଆକ୍ରମଣ

**ଜଟଣୀ,୨୫।୫(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଶ୍ରୀରାମ ନଗର ଲେନ୍-୭ରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ମାଲିକଙ୍କ ଆକ୍ରମଣରେ ଜଣେ ବରିଷ୍ଠ ଡାକ୍ତର ଗୁରୁତର ଆହତ ହୋଇଛନ୍ତି। ଡା.କୃଷ୍ଣ କୁମାର ମହାନ୍ତିଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ଘର ମାଲିକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, କରୋନା ସଂକ୍ରମଣ ନିମନ୍ତେ ସରକାରଙ୍କ ଗାଇଡ୍‌ଲାଇନ୍ ଏବଂ ବୟସାଧିକ ଯୋଗୁ ଡା. ମହାନ୍ତି ନିଜ କ୍ଲିନିକ୍‌ରେ ରୋଗୀସେବା ବନ୍ଦ କରି ଶ୍ରୀରାମନଗର ଲେନ୍-୭ରେ ଭଡ଼ାରେ ରହୁଥିଲେ। ମଙ୍ଗଳବାର ସକାଳେ ଡା. ମହାନ୍ତିଙ୍କ ପରାମର୍ଶରେ ଜଣେ ରୋଗୀ ତାଙ୍କ ଘରକୁ ଯାଇଥିଲେ। ଡା. ମହାନ୍ତି କବାଟ ଖୋଲିଲା ବେଳେ କୌଣସି କାରଣରୁ ଘର ମାଲିକ ତାଙ୍କୁ ଏଠାରେ ରୋଗୀ ଦେଖିବାକୁ ମନା କରିଥିଲେ। ଫଳରେ ଘର ମାଲିକ ଏବଂ ଡାକ୍ତରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଘର ମାଲିକ ଡାକ୍ତରଙ୍କୁ ତଳେ ପକାଇ ଏକ ଡାଳରେ ଆକ୍ରମଣ କରିଥିଲେ। ଫଳରେ ଡାକ୍ତରଙ୍କ ମୁଣ୍ଡ ଓ ନାକ ଫାଟି ଯାଇଥିଲା। ସାକ୍ଷାତ୍ ନିମନ୍ତେ ଆସିଥିବା ରୋଗୀ ଏବଂ ସ୍ଥାନୀୟ ବ୍ୟକ୍ତି ଡାକ୍ତରଙ୍କୁ ଗୁରୁତର ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଡା. ମହାନ୍ତି ଜଟଣୀ ଥାନାରେ ଅଭିଯୋଗ କରିବା ପରେ ଆକ୍ରମଣକାରୀ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## 'ସଂସ୍କୃତ ଓ ବିଜ୍ଞାନ ମଧ୍ୟରେ ଥିବା ଦୂରତ୍ୱକୁ ଯୋଡ଼'

### ସଂସ୍କୃତ ସମ୍ଭାଷଣ ଶିବିର ସମାପନ ସମାରୋହ

**ଖୋର୍ଦ୍ଧା ଅଫିସ,୨୫।୫**

ସଂସ୍କୃତ ଭାରତୀ, ଓଡ଼ିଶା ପକ୍ଷରୁ ଭର୍ଚ୍ଚୁଆଲରେ ଆୟୋଜିତ ସଂସ୍କୃତ ସମ୍ଭାଷଣ ଶିବିରର ସମାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ପ୍ରମୁଖ କୃଷି ବୈଜ୍ଞାନିକ ତଥା ଇଣ୍ଡିଆନ ସୋସାଇଟି ଅଫ୍ ଜେନେଟିକ୍ସ ଆଣ୍ଡ ପ୍ଲାଣ୍ଟ ବ୍ରିଡିଂର ଉପସଭାପତି ଡ. ଶରତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଯୁଗରେ ସଂସ୍କୃତ ଓ ବିଜ୍ଞାନ ମଧ୍ୟରେ ରହିଥିବା ଦୂରତ୍ୱକୁ ଯୋଡ଼ିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍କୃତ ସମ୍ବର୍ଦ୍ଧନ ପ୍ରତିଷ୍ଠାନ, ଦିଲ୍ଲୀର ସଚିବ ତଥା ସଂସ୍କୃତ ଭାରତୀର ସହସଂସ୍ଥାପକ ପଦ୍ମଶ୍ରୀ ଚମୂକୃଷ୍ଣ ଶାସ୍ତ୍ରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାକୁ ନିଜ ଦୈନନ୍ଦିନ ଜୀବନରେ ଉପଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଂସ୍କୃତ ଭାରତୀ, ଉତ୍କଳର ପ୍ରାନ୍ତ ଅଧ୍ୟକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରାରମ୍ଭରେ ସନ୍ତୋଷ କୁମାର ମହାପାତ୍ର ମଙ୍ଗଳାଚରଣ ପାଠ ଓ ରତ୍ନପର୍ଣ୍ଣା ସାହୁ ଧ୍ୟେୟ ମନ୍ତ୍ର ଉଚ୍ଚାରଣ କରିଥିଲେ। ପ୍ରାନ୍ତ ସମ୍ପାଦକ ଅଜିତ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ରେଶ୍ମାଲିନ୍ ରାଉତରାୟ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ଦତ୍ତ ସଂସ୍କୃତ ସଂଭାଷଣ ବର୍ଗର ବିବରଣୀ ପାଠ କରିଥିଲେ। ବର୍ଗରେ ଭାଗ ନେଇଥିବା ଅନେକ ଛାତ୍ରୀଛାତ୍ର ସଂସ୍କୃତ ଭାଷାରେ ନିଜ ଅନୁଭୂତି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ୱୟମ୍ଭୁ ପ୍ରସାଦ କର ଧନ୍ୟବାଦ ଦେଇଥିଲେ। ଗୀତାଞ୍ଜଳି ଶାନ୍ତିପାଠ କରିଥିଲେ। ଡା. ମଧୁସୂଦନ ସାହୁ, ଶେଷଦେବ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମର ଶୁଭମ ପ୍ରଧାନ କରିଥିଲେ। ପ୍ରଜ୍ଞା ରଞ୍ଜନ ଶତପଥୀ, ଜୟାନନ୍ଦ ସ୍ୱାଇଁ, ସୁରେଶ କୁମାର ମହାନ୍ତି, ନୃସିଂହ ଚରଣ ପଣ୍ଡା, ସୁଶାନ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ।

## ୧୦ରୁ ଊର୍ଦ୍ଧ୍ୱ ଗାଡ଼ି ବ୍ୟାଟେରି ଚୋରି

**ନିରାକାରପୁର,୨୫।୫(ଡି.ଏନ୍.ଏ)**

କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଚୋରମାନେ ସକ୍ରିୟ ହୋଇ ଉଠିଛନ୍ତି। ଦଶ ଦିନ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଗାଡିରୁ ବ୍ୟାଟେରି ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ଉକ୍ତ ଗାଡିଗୁଡିକର ଠିକ୍ କାଗଜପତ୍ର ନ ଥିବାରୁ ଏନେଇ କେହି ଥାନାରେ ଅଭିଯୋଗ କରୁ ନ ଥିବା ଜଣାପଡ଼ିଛି। ଏହାର ତଦନ୍ତ କରାଗଲେ ସତ୍ୟତା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବାତ୍ୟା ପାଇଁ ପ୍ରଶାସନର ତତ୍ପରତା

**ଜଟଣୀ/ବେଗୁନିଆ, ୨୫।୫(ଡି.ଏନ୍.ଏ.)**

ବାତ୍ୟା 'ୟାସ୍' ପାଇଁ ଜଟଣୀ ପୌରାଞ୍ଚଳ ଏବଂ ବ୍ଲକ୍ ଅଞ୍ଚଳର ବିଭିନ୍ନ ତଳିଆ ଅଞ୍ଚଳରେ ଚାଳ ଓ ଆଜବେଷ୍ଟସ ଘରେ ରହିଥିବା ଲୋକଙ୍କୁ ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଆଶ୍ରୟସ୍ଥଳରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଲୋକଙ୍କୁ ମାସ୍କ, ସାନିଟାଇଜ ସହ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ। ମଙ୍ଗଳବାର ସନ୍ଧ୍ୟା ସୁଧା ୧୦୦ରୁ ଅଧିକ ପରିବାରଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ୬ଜଣିଆ ଟିମ୍ ଏହି ବ୍ଲକ ଅଞ୍ଚଳର ସମସ୍ତ ୨୧ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବ୍ଲକର ଗ୍ରାମାଞ୍ଚଳରେ ବସବାସ କରୁଥିବା ୫୮୮ଜଣଙ୍କୁ ୧୩ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ସେଥିରେ ୨୮୦ଜଣ ପୁରୁଷ, ୨୩୮ଜଣ ମହିଳା ଏବଂ ୭୦ଜଣ ଶିଶୁ ରହିଛନ୍ତି। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶକ୍ତିକାନ୍ତ ରାୟ ଏବଂ ବିଡିଓ ରଶ୍ମିରେଖା ଦାସଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସଜାଗ ରହିଛନ୍ତି।

## ଅଳଙ୍କାର ସହ ୬୫ ହଜାର ଟଙ୍କା ଜବତ



### ୨ ଅଭିଯୁକ୍ତ ଗିରଫ

**ବାଲିଅନ୍ତା,୨୫।୫(ଡି.ଏନ୍.ଏ.)**

ଘରେ ପଶି ଚୋରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲଣ କରିଛି। ସେମାନେ ହେଲେ ପାହାଳ ଫାଣ୍ଡି ଅଧୀନ ଜଗନ୍ନାଥପୁର ଅଞ୍ଚଳର ବିନୋଦ କୁମାର ବେହେରା(୨୭) ଏବଂ କରୁଣାକର ଭୋଇ(୨୮)। ଏମାନଙ୍କ ନିକଟରୁ ୬୫ ହଜାର ୭୧୦ ଟଙ୍କା, ସୁନା ଅଳଙ୍କାର, ଗୋଟିଏ ଏଲ୍‌ଇଡି ଟିଭି, ଗୋଟିଏ ଟିଭି ଓ ମୋବାଇଲ ଫୋନ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତ ଫେରାର ଥିବା ଆଇଆଇସି ପ୍ରଦୀପ ରାଉତ କହିଛନ୍ତି। ସୂଚନା ମୁତାବକ, ଗତ ୧୮ ତାରିଖରେ ଜଗନ୍ନାଥପୁର ପାତ୍ରସାହିର ରଣଜିତ୍ ପାତ୍ରଙ୍କ ପରିବାର ଲୋକେ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଘରେ କେହି ନ ଥିବା ବେଳେ ଦୁଇ ଅଭିଯୁକ୍ତ ଓ ତାଙ୍କର ସହଯୋଗୀମାନେ ଘର ତାଲା ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିନେଇଥିଲେ। ଏନେଇ ରଣଜିତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୫୨/୨୧) ରୁଜୁକରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବରପାଇ ପୋଲିସ ସୋମବାର କଟକରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସେବାରେ ଲାଗୁନି ଆଡ୍‌ଭାନ୍ସ ଲାଇଫ ସିଷ୍ଟମ ଆମ୍ବୁଲାନ୍ସ

### ଅଧାବାଟରେ ଚାଲିଗଲା ରୋଗୀଙ୍କ ଜୀବନ

**ଖୋର୍ଦ୍ଧା ଅଫିସ, ୨୫।୫**

ଗୁରୁତର ରୋଗୀଙ୍କୁ ଅନ୍ୟ ମେଡିକାଲ ସ୍ଥାନାନ୍ତର ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଡ୍‌ଭାନ୍ସ ଲାଇଫ ସିଷ୍ଟମ ସୁବିଧା ଥିବା ଆମ୍ବୁଲାନ୍ସ ରହିଛି। ମାତ୍ର ଏହା ରୋଗୀଙ୍କ ସେବାରେ ଆସୁନାହିଁ। ଫଳରେ ଜଣେ ରୋଗୀଙ୍କୁ ଘରୋଇ ଆମ୍ବୁଲାନ୍ସରେ ଭୁବନେଶ୍ୱର ନିଆଯିବା ବାଟରେ ତାଙ୍କର ଜୀବନ ଚାଲିଯାଇଛି। ଏଥିଯୋଗୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିପାଇଁ ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଏବଂ ଜିଲା ପ୍ରଶାସନର ଅବହେଳାକୁ ସାଧାରଣରେ ଦାୟୀ କରାଯାଇଛି।

ସୂଚନା ଅନୁଯାୟୀ, ସୋମବାର ଖୋର୍ଦ୍ଧା ଜିଲା ବୋଲଗଡ ଅଞ୍ଚଳର ଜଣେ ଖବରଦାତାଙ୍କ ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ହଠାତ ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ତୁରନ୍ତ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତେବେ ଡାକ୍ତରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ଫଳରେ ତାଙ୍କ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଥିଲେ। ଚିକିତ୍ସାଳୟ କର୍ତ୍ତୃପକ୍ଷ ମହିଳାଙ୍କ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଲାଗି ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଡ୍‌ଭାନ୍ସ ଲାଇଫ ସପୋର୍ଟ ସିଷ୍ଟମ ସୁବିଧା ଥିବା ଆମ୍ବୁଲାନ୍ସରେ ମହିଳାଙ୍କୁ ସ୍ଥାନାନ୍ତର କରିବା ପାଇଁ ଚିକିତ୍ସାଳୟ ପକ୍ଷରୁ ଅନୁମତି ଦିଆଯାଇଥିଲା। ତେବେ ଉକ୍ତ ଆମ୍ବୁଲାନ୍ସରେ ଅତ୍ୟାଧୁନିକ ଯନ୍ତ୍ରପାତିକୁ ଠିକ ଭାବେ ପରିଚାଳନା କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ଆଟେଣ୍ଡାଣ୍ଟଙ୍କୁ ନିଯୁକ୍ତ କରାଯାଇନାହିଁ କି ଅନ୍ୟ ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଆଟେଣ୍ଡାଣ୍ଟଙ୍କୁ ଏହି ଯନ୍ତ୍ରପାତି ପରିଚାଳନା କରିବାକୁ ମଧ୍ୟ ତାଲିମ ଦିଆଯାଇନାହିଁ। ଫଳରେ କେହି ଆଟେଣ୍ଡାଣ୍ଟ ଏହି ଯନ୍ତ୍ରପାତି ପରିଚାଳନା କରିବା ଜାଣି ନ ଥିବା ସାମ୍ନାକୁ ଆସିଥିଲା। ଅନ୍ୟପଟେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ରୋଗୀଙ୍କ ସମ୍ପର୍କୀୟ ଶେଷରେ ନିରୁପାୟ ହୋଇ ଅନ୍ୟ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ନେଉଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ସମ୍ପୃକ୍ତ ମହିଳାଙ୍କର ମୃତ୍ୟୁ ଘଟିଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଖୋର୍ଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଆମ୍ବୁଲାନ୍ସ ଥିବା ସତ୍ତ୍ୱେ ଯଦି ରୋଗୀଙ୍କ ସେବାରେ ନ ଆସୁଛି, ତେବେ ଏଥିପାଇଁ ଦାୟୀ କିଏ। ତେବେ ଏ ନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୫.୦୫.୨୦୨୧

୧୨୦୩ ଟଙ୍କା

## ସଂକ୍ଷେପରେ

### ବଟି ମାଗି ଯୁବକ ଗିରଫ

ପୁରୀ ଅଫିସ, ୨୫।୫: ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଟାଉନ ଥାନା ଅଞ୍ଚଳର ଶଙ୍କର ପରମାଣିକ ଓରଫ ବୁଧିଆ। ଏ ନେଇ ପୋଲିସ ଏକ କେସ୍ (ନଂ.୧୪୨/୨୧) ରୁଜୁ କରିଛି। ତାଙ୍କ ନିକଟରୁ ପୋଲିସ ଏକ ସ୍କୁଟି, ଖଣ୍ଡା, ମୋବାଇଲ ଫୋନ୍ ଓ ନଗଦ ୨୫୦୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ବୁଧିଆ ଚର୍ଚ୍ଚ ଚକ ଅଞ୍ଚଳରେ ବ୍ୟବସାୟୀ ଓ କଣ୍ଟ୍ରାକ୍ଟରମାନଙ୍କୁ ଧମକାଇ ବଟି ମାଗୁଥିଲେ ବୋଲି ପୋଲିସ କହିଛି।

### କଫ ସିରଫ ବିକ୍ରି କରି ଯୁବକ ଗିରଫ

ପୁରୀ ଅଫିସ, ୨୫।୫: ବେଆଇନ ଭାବେ କଫ ସିରଫ ବିକ୍ରି କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୋଖରିଆ ସାହିର ଋତୁରାଜ ମହାନ୍ତି ଓରଫ ଗୁଡୁ (୨୫)। ଏ ନେଇ ପୋଲିସ ଏକ କେସ୍ (ନଂ. ୧୪୩/୨୧) ରୁଜୁ କରିଛି। ତାଙ୍କ ନିକଟରୁ ୪୦ ବୋତଲ କୋରେକ୍ସ କଫ ସିରଫ ବୋତଲ ସହ ଓ ଗୋଟିଏ ସ୍କୁଟି (ନଂ. ଡି ୧୩ ଏଲ ୧୩୧୨) ଜବତ ହୋଇଛି। ଅଭିଯୁକ୍ତ ଗୁଡୁ ମାର୍କଣ୍ଡେଶ୍ୱର ସାହି ବାଣୁଆ ସାହି ନିକଟରେ କୋରେକ୍ସ ବିକୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ତାଙ୍କୁ ବାରୁଆ ସାହି ଅଞ୍ଚଳର ସନ୍ତୋଷ ରାଉତ(୨୩) ଏହି କୋରେକ୍ସ ଯୋଗାଉଥିବା ଗୁଡୁ କହିଥିଲେ। ଖୁବଶୀଘ୍ର ସନ୍ତୋଷଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

### ଲୁଟ୍ ଅଳଙ୍କାର ଜବତ, ୬ ଗିରଫ

ଚୌଦ୍ୱାର,୨୫।୫(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ଗ୍ରାମର ଭାଗ୍ୟଧର ବେହେରାଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଟାଉନ୍ ଥାନା ଅଧୀନ ସାମଗୁଡ଼ିଆ ଇଚ୍ଛାପୁର ଗ୍ରାମର ରାଜୁ ଦାସ, ସଞ୍ଜୟ ଦାସ, ବିଜୟ ଦାସ, ଗଣେଶ ଦାସ, ମହେଶ୍ୱର ପୃଷ୍ଟି ଓ ଭୀମସେନ ସାହୁ। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ଗୋଟିଏ ମଙ୍ଗଳସୂତ୍ର, ଏକହଳ ସୁନାଶଙ୍ଖା, ୬ଟି ମୁଦି, ୩ହଳ କାନଫୁଲ, ୨ଟି ଚେନ୍, ୨ଟି ଲକେଟ୍ ଓ ୨ ହଳ ପାଉଁଜି ଜବତ କରାଯାଇଛି।

### ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ପୁରୀ ଅଫିସ, ୨୫।୫: ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ସଭାପତି ଶୁଭାଶିଷ ଖୁଣ୍ଟିଆ, ଦି ସର୍ଭିସ୍ ଅନୁଷ୍ଠାନ ମୁଖ୍ୟ ସମ୍ପାଦକ ଦିଲୀପ ବେହେରା, ସଭ୍ୟ ସଞ୍ଜୟ ସାହୁ ଏବଂ ନିଖିଳ ଓଡ଼ିଶା ସାମ୍ବାଦିକ ସଂଘ ସଭାପତି ଜୟକୃଷ୍ଣ ଦାସଙ୍କ ମିଳିତ ଉଦ୍ୟମରେ ପୁରୀ ସହରରେ ଅସହାୟ ଲୋକଙ୍କୁ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

# ୨୪ କର୍ମଚାରୀଙ୍କ ଦରମା ବନ୍ଦ କଲେ ମନ୍ତ୍ରୀ

- ସରକାରୀ ନିର୍ଦ୍ଦେଶ ଉଲ୍ଲଂଘନ
- କାର୍ଯ୍ୟାଳୟରେ ଅନୁପସ୍ଥିତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

ଗୋପ/ନିମାପଡ଼ା,୨୫।୫(ଡି.ଏନ୍.ଏ.):

ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋପ ତହସିଲ ଓ ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମଙ୍ଗଳବାର ଗୋପ ତହସିଲ କାର୍ଯ୍ୟାଳୟରେ ଅନୁପସ୍ଥିତି ଥିବାରୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ୧୬ଜଣ କର୍ମଚାରୀଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହିପରି ମନ୍ତ୍ରୀ ଦାଶ ନିମାପଡ଼ା ବ୍ଲକ କାର୍ଯ୍ୟାଳୟର ୮ଜଣଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ଗୋପ ତହସିଲ କାର୍ଯ୍ୟାଳୟରେ ମନ୍ତ୍ରୀ ଦାଶ ଅଚାନକ ପହଞ୍ଚିଥିଲେ। ୧୬ଜଣ କର୍ମଚାରୀ ଅନୁପସ୍ଥିତି ଥିବା ଜାଣିବାକୁ ପାଇଥିଲେ। ଏନେଇ ମନ୍ତ୍ରୀ ଦାଶ ତହସିଲଦାର ଶୁଭାଶିଷ ପାଲଟାଙ୍କୁ ପଚାରିବାରେ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ପରେ ମନ୍ତ୍ରୀ ଅନୁପସ୍ଥିତ ଥିବା ୧୬ଜଣ କର୍ମଚାରୀଙ୍କ ଦରମା ବନ୍ଦ କରିଥିଲେ। ବାତ୍ୟା ସମୟରେ କର୍ମଚାରୀମାନେ କାହା ନିର୍ଦ୍ଦେଶରେ ରହିଛନ୍ତି ଉକ୍ତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ୩ଦିନ ମଧ୍ୟରେ ଉତ୍ତର ଦେବା ଲାଗି ତହସିଲଦାର ପାଲଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମନ୍ତ୍ରୀ ଦାଶ ଅଚାନକ ନିମାପଡ଼ା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବାତ୍ୟା ଭଳି ସମୟରେ କାର୍ଯ୍ୟାଳୟରେ ୫ଜଣ କିରାଣୀ, ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ, ଜଣେ ଡାଟା ଏଣ୍ଟ୍ରି ଅପରେଟର, ଜଣେ ଡବ୍ଲୁଇଓ ଅନୁପସ୍ଥିତ ଥିବାରୁ ମନ୍ତ୍ରୀ ଦାଶ ସେମାନଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପରେ ବାତ୍ୟା ସ୍ଥିତି ସମ୍ପର୍କରେ ବିଡିଓ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



ନିମାପଡା ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ସହ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆଲୋଚନା କରୁଛନ୍ତି ।




ବାତ୍ୟା 'ୟାସ୍'କୁ ଦୃଷ୍ଟିରେ ରଖି ପୁରୀ ପେଣ୍ଠକଟାଠାରେ ମତ୍ସ୍ୟଜୀବୀମାନେ ନିଜ ଡଙ୍ଗାକୁ ସମୁଦ୍ର କୂଳକୁ ନେଇ ଆସିଛନ୍ତି ।

## କଣାସ ବ୍ଲକରେ ୫୯ ଆଶ୍ରୟସ୍ଥଳ

କଣାସ,୨୫।୫(ସ୍ୱ.ପ୍ର.): ବାତ୍ୟା 'ୟାସ୍' ପାଇଁ କଣାସ ବ୍ଲକରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୬୧ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳ ତଥା ନିରାପଦ ସ୍ଥାନକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। କଣାସ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, କଣାସ ଆଇଆଇସି ତପନ ରାଉତ, ଗଡିଶାଗୋଦା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ପ୍ରମୁଖ ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରିବା ସହ ଚାଳ ଓ ଆଜ୍‌ବେଷ୍ଟସ ଘରେ ରହିଥିବା ପରିବାରଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଏବଂ ସ୍କୁଲ ଗୃହକୁ ସ୍ଥାନାନ୍ତର କରିଛନ୍ତି। ଏଥିସହ ସେମାନଙ୍କର ଖାଦ୍ୟ, ପାନୀୟଜଳ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଏହି ବ୍ଲକର ୨୮ଟି ପଞ୍ଚାୟତରେ ୨୪ଟି ବାତ୍ୟା ଆଶ୍ରୟସ୍ଥଳ ଓ ୩୫ଟି ବିଦ୍ୟାଳୟ ଗୃହରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି।

## ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ

ନିମାପଡ଼ା,୨୫।୫(ଡି.ଏନ୍.ଏ.): ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ନିମାପଡ଼ା ବ୍ଲକ ଓ ଏନ୍‌ଏସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ବ୍ଲକର ୩୨ ପଞ୍ଚାୟତ ଓ ଏନ୍‌ଏସିର କେତେକ ତଳିଆ ଅଞ୍ଚଳର ଚାଳ ଘରେ ରହୁଥିବା ପ୍ରାୟ ୬ଶହ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ତଥା ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତର ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଥିବା ବିଡିଓ ମନୋଜ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର ସୂଚନା ଦେଇଛନ୍ତି। ବ୍ଲକରେ ୯୧ ବାତ୍ୟା ଆଶ୍ରୟସ୍ଥଳ, ପକ୍କା ସ୍କୁଲ ଗୃହ, ସରକାରୀ ବିଲ୍ଡିଂ କାର୍ଯ୍ୟକ୍ଷମ କରାଯାଇଛି। ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା ବିଡିଓ ବେହେରା କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲରୁମ୍ ଖୋଲାଯାଇଥିବା ବେଳେ ପ୍ରତ୍ୟେକ ପଞ୍ଚାୟତରେ ବାତ୍ୟା ସ୍ଥିତି ତଦାରଖ କରିବାକୁ ପିଇଓ, ଆଶା ଓ ଅଙ୍ଗନୱାଡି କର୍ମୀ, ବ୍ଲକ କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚମାନେ ସଜାଗ ରହିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ରଥଖଳାରୁ

### କୋଣଗୁଜ ଅନୁକୂଳ ସହ ଯନ୍ତାଗାଡ଼ ଖୋଳା ଶେଷ



କୋଣଗୁଜ ଅନୁକୂଳ କରାଯାଉଛି ।

ପୁରୀ ଅଫିସ, ୨୫।୫:

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ମଙ୍ଗଳବାର ପ୍ରଭୁ ନୃସିଂହ ଦେବଙ୍କ ଜନ୍ମ ତିଥି ଅବସରରେ ରଥ ଖଳାରେ ତିନିରଥର ଗୁଜ ଅନୁକୂଳ କାର୍ଯ୍ୟ ରୂପକାର ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଯନ୍ତାଗାଡ଼ ଖୋଳା କାମ ଅନୁକୂଳ କରିଛନ୍ତି। ତିନିରଥର ମୁଖ୍ୟ ମହାରଣା ଓ ନିର୍ମାଣକାରୀଙ୍କ ସହଯୋଗରେ ଭୋଇ ସର୍ଦ୍ଦାର ଗୁଜ ପାଇଁ ଦୁଇଟି ଲେଖାଁଏ ଧଉରା କାଠ ଯୋଗାଇଥିଲେ। ଏହାପରେ ମୁଖ୍ୟ ମହାରଣାମାନେ ନଡ଼ିଆ ବାଡେଇ ଅନୁକୂଳ କରିଥିଲେ। ରୂପକାର ସେବକଙ୍କ ଉପସ୍ଥିତିରେ ତାଳଧ୍ୱଜ ରଥର ମୁଖ୍ୟ ରୂପକାର ସେବକ ଗଣେଶ୍ୱର ମହାପାତ୍ର, ଦେବଦଳନ ରଥର ରୂପକାର ସେବକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ନନ୍ଦିଘୋଷ ରଥର ରୂପକାର ସେବକ ରାଜେନ୍ଦ୍ର ମହାପାତ୍ର ତିନିରଥରେ ପ୍ରଭୁ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ କରି କୋଣଗୁଜ ନିର୍ମାଣର ଶୁଭ ଅନୁକୂଳ କରିଥିଲେ। ସମ୍ଭାବ୍ୟ ବାତ୍ୟା ୟାସ୍‌କୁ ନଜରରେ ରଖି ପ୍ରଶାସନ ନିଷ୍ପତ୍ତି କ୍ରମେ ଗୁଜ ଅନୁକୂଳ ନୀତି ସମ୍ପନ୍ନ ପରେ ରଥକାମ ବନ୍ଦ ରଖାଯାଇଛି। ରଥଖଳା ଚାଳି ଓ ବାଉଁଶ ଭାର ଖୋଲିଦିଆଯାଇଛି। ବାତ୍ୟା ପରେ ପୁଣି କାମ ଚାଲିବ।



ଯନ୍ତାଗାଡ଼ ଖୋଳାଯାଉଛି।

# ଶ୍ରୀମନ୍ଦିରରେ ନୃସିଂହ ଜନ୍ମନୀତି

ପୁରୀ ଅଫିସ,୨୫।୫:

ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀ ଅବସରରେ ମଙ୍ଗଳବାର ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ସମ୍ପନ୍ନ ହୋଇଛି। ସ୍କନ୍ଦ ପୁରାଣ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କଠାରୁ ସବୁ ଅବତାର ସୃଷ୍ଟି ହୋଇ ଯୁଗେ ଯୁଗେ ବିବିଧ ଲୀଳାମାନ ବିସ୍ତାର କରି ପୁନଶ୍ଚ ତାଙ୍କରି ଶ୍ରୀଅଙ୍ଗରେ ବିଲୀନ ହୋଇଥାନ୍ତି। ଏହି ପୌରାଣିକ ତଥ୍ୟ ଅନୁଯାୟୀ ଶ୍ରୀମନ୍ଦିରରେ ଅନେକ ଜନ୍ମ ନୀତି ଅନୁଷ୍ଠିତ ହୋଇଥାଏ। ଏହି କ୍ରମ ଅନୁଯାୟୀ, ମଙ୍ଗଳବାର ଶ୍ରୀମନ୍ଦିରରେ ଶ୍ରୀନୃସିଂହଙ୍କ ଜନ୍ମ ପାଳିତ ହୋଇଯାଇଛି। ଶ୍ରୀଜୀଉଙ୍କ ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତ ଭୋଗ ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିଥିଲେ। ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ନୀତି ଶେଷ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ଶ୍ରୀଜୀଉଙ୍କ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଚକ୍ରତୀର୍ଥ ରୋଡସ୍ଥିତ ନୃସିଂହ ମନ୍ଦିରକୁ ଯାଇଥିଲେ। ସେଠାରେ ପ୍ରଭୁ ନୃସିଂହ ଦେବଙ୍କୁ ଆଜ୍ଞାମାଳ ଲାଗି କରାଯିବା ପରେ ପଞ୍ଚ ଉପଚାପରେ ଭୋଗ କରାଯାଇଥିଲା। ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ଫେରିବା ପରେ ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢିଥିଲା। ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ କରାଯାଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଠାକୁର ନୂଆ ଲୁଗା ଓ ୬ ମୂର୍ତ୍ତି ଅଳଙ୍କାର ଲାଗିହୋଇଥିଲେ। ସନ୍ଧ୍ୟା ଧୂପ ନୀତି ବଢିବା ପରେ ମହାଜନ ସେବକ ଦକ୍ଷିଣୀଘରୁ ନୃସିଂହ ଠାକୁରଙ୍କୁ ରତ୍ନସିଂହାସନରେ ବିଜେ କରାଇଥିଲେ। ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପକୁ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇ ଥିଲେ। ଅପରପକ୍ଷରେ ମୁକ୍ତିମଣ୍ଡପ ନିକଟ ନୃସିଂହ ମନ୍ଦିରରେ ପତିମହାପାତ୍ର ଓ ମୁକ୍ତିମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପୂଜାପଣ୍ଡା ମହାସ୍ନାନ ପୂଜା କରିଥିଲେ। ଉଭୟଙ୍କ ପାଖରେ ଶୀତଳ ଭୋଗ ମଣୋହି ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ନୃସିଂହଙ୍କୁ ମହାଜନ ସେବକ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇଥିଲେ। ସେଠାରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମହାପ୍ରଭୁଙ୍କ ଆଳଟ ଲାଗିହୋଇ ଅନ୍ୟ ନୀତି ପରେ ରାତ୍ର ପହୁଡ଼ ହୋଇଥିଲା।



ବାରବାଟୀ ଜାଗା ନୃସିଂହ ମନ୍ଦିରରେ ପ୍ରଭୁ ନୃସିଂହଦେବଙ୍କୁ ଫୁଲରେ ସଜାଯାଇଛି ।

## ନନ୍ଦନକାନନ: 'ୟାସ୍' ମୁକାବିଲା ପାଇଁ ୩ ଟିମ୍

ବାରଙ୍ଗ,୨୫।୫(ଡି.ଏନ୍.ଏ.):

ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ମଙ୍ଗଳବାର ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଓ ପରବର୍ତ୍ତୀ ସମୟରେ ସ୍ଥିତି ପରଖିବା ପାଇଁ ୩ଟି ଟିମ୍ ଗଠନ କରାଯାଇଛି। ଏସିଏଫ୍ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଏହି ଟିମ୍ ସଜାଗ ରହି ବାତ୍ୟାର ସ୍ଥିତି ପରଖି କାର୍ଯ୍ୟ କରିବେ। ସମସ୍ତ କର୍ମଚାରୀଙ୍କୁ ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ଆଲର୍ଟ ରହିବାକୁ କୁହାଯାଇଛି। ଜୀବଜନ୍ତୁଙ୍କ ଯେପରି କୌଣସି ଅସୁବିଧା ନ ହେବ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଏନ୍‌କ୍ଲୋଜରରେ ଥିବା ବଡ଼ ବଡ଼ ଗଛର ଡାଳ କଟାଯାଇଛି। ୩ ଟ୍ୟାଙ୍କର, ୩ ପାଟ୍ରୋଲିଂ ଗାଡି, ୩ ଟ୍ରାକ୍ଟର ସହ ୧୫ଦିନ ପାଇଁ ପଶୁପକ୍ଷୀଙ୍କ ଖାଦ୍ୟ ମହଜୁଦ ରଖାଯାଇଛି। ଜେନେରେଟର, ଡିଜେଲ, କଟର ମେଶିନ, ଗ୍ୟାସଲାଇଟ, ଟର୍ଚ୍ଚ, ଦଉଡି ଆଦି ମହଜୁଦ ରଖାଯାଇଛି। ପବନ ଓ ବର୍ଷାର ସ୍ଥିତିକୁ ଦେଖି ପଶୁପକ୍ଷୀଙ୍କୁ ବ୍ୟାକକ୍ରଲ ଓ ଫିଡିଂ ଚାମ୍ବରରେ ରଖିବା ସହ ପକ୍ଷୀଙ୍କର ଏନ୍‌କ୍ଲୋଜର ଆଗ ଜାଲିକୁ ଆବଦ୍ଧ କରିବାକୁ କୁହାଯାଇଛି। ଚିକିତ୍ସା କ୍ଷେତ୍ରରେ ସୁବିଧା ପାଇଁ ଆବଶ୍ୟକ ଔଷଧ ଗଚ୍ଛିତ ରଖାଯାଇଛି। ବାତ୍ୟାର ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ସରବରାହ ଠିକ କରିବା, ରାସ୍ତାରେ ପଡିଥିବା ଗଛ କଟାଯାଇ ତୁରନ୍ତ ସଫା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ୟାସ୍‌କୁ ମୁକାବିଲା କରିବା ପାଇଁ ନନ୍ଦନକାନନ ପ୍ରସ୍ତୁତ ରହିଥିବା ଏସିଏଫ୍ ପରିଡା କହିଛନ୍ତି।

## ବାତ୍ୟା ପାଇଁ ସତର୍କ ରହିବାକୁ ଥାନାଗୁଡ଼ିକୁ ନିର୍ଦ୍ଦେଶ


ଭୁବନେଶ୍ୱର,୨୫।୫(ବ୍ୟୁରୋ):

ବାତ୍ୟା 'ୟାସ୍'ର ମୁକାବିଲା ପାଇଁ କଟକ ଓ ଭୁବନେଶ୍ୱର କମିଶନରେଟ ପୋଲିସ ସଜାଗ ରହିଛି । ଏନେଇ ପୋଲିସ କମିଶନର (ସିପି) ସୌମେନ୍ଦ୍ର ପ୍ରିୟଦର୍ଶୀ ମଙ୍ଗଳବାର ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇ କହିଛନ୍ତି, ଦ୍ୱୈତନଗରୀର ସମସ୍ତ ଥାନାରେ ଅତିରିକ୍ତ ଫୋର୍ସ ମୁତୟନ କରାଯିବା ସହ ଥାନାଗୁଡିକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଥାନାରେ ଆବଶ୍ୟକ ସରଞ୍ଜାମ ମହଜୁଦ ରଖାଯାଇଛି। ଉଭୟ ଓଏସ୍ଏପି ସପ୍ତମ ବ୍ୟାଟାଲିଅନ୍ ଓ ଏସ୍ଏସ୍ ବାଟାଲିଅନ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ରାସ୍ତା ସଫା କରିବା ଓ ବାତ୍ୟା ଦ୍ୱାରା ଉପୁଡିପଡିଥିବା ଗଛଗୁଡିକୁ କାଟିବା ପାଇଁ କଟକ ଓ ଭୁବନେଶ୍ୱର ରିଜର୍ଭ ପୋଲିସ ଲାଇନଠାରେ ଆବଶ୍ୟକ ସରଞ୍ଜାମ ସହ ଛୋଟ ଛୋଟ ଟିମ୍‌କୁ ସଜାଗ ରଖାଯାଇଛି। ଏହାବ୍ୟତୀତ ଯୋଗାଯୋଗରେ ତ୍ରୁଟି ନ ହେବା ପାଇଁ ପ୍ରତ୍ୟେକ ଥାନାରେ ଜେନେରେଟର ବ୍ୟବସ୍ଥା କରାଯାଇଛି।

## କଣାସରେ ୨୪ ପଜିଟିଭ ଚିହ୍ନଟ

କଣାସ,୨୫।୫(ସ୍ୱ.ପ୍ର.):

କଣାସ ବ୍ଲକରେ ମଙ୍ଗଳବାର ୨୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବ୍ରହ୍ମପଡା ୧, ଯୋଡାପଦର ୧, ବିଣ୍ଡିପୁର ୧, ବିଜିପୁର ୧, ତରଡୁଆ ୨, ବରାଗଡ଼ ୧, ନୂଆଦୋକନ୍ଦା ୧, ସବଳଙ୍ଗ ୧, ତେନ୍ତୁଳିମୂଳ ୫, ମାଆଙ୍କଗାଁ ୧, ବେଣାଗାଁ ୨, ମନ୍ଦାରବସ୍ତ ୧, ତୁଳସୀପୁର ୧, ଭାଟପଡା ୧, ଝାରକଟା ୧, ଗଡସାନପୁଟ ୧, ପଣିଆପଡା ୧, ତ୍ରିଲୋଚନପୁରର ଜଣେ ରହିଛନ୍ତି। ମଙ୍ଗଳବାର ସୁଦ୍ଧା କଣାସ ବ୍ଲକର ୨୮ ପଞ୍ଚାୟତରେ ୫୯୧ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୩୪୮ଜଣ ସୁସ୍ଥ ହୋଇଥିବା ବେଳେ ୫ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



ବାତ୍ୟା 'ୟାସ୍' ପ୍ରଭାବରେ ମଙ୍ଗଳବାର ପୁରୀ ସମୁଦ୍ରରେ ଉଚ୍ଚ ଲହଡି ।

# ପୁରୀ ଜିଲା: ୯୧୨୦ ସ୍ଥାନାନ୍ତର

- ବ୍ଲକ୍ ବୁଲି ସ୍ଥିତି ପରଖିଲେ ଜିଲାପାଳ
- ଓଡ୍ରାଫ୍ ଟିମ୍ ସହ ଆଲୋଚନା କଲେ ଏସ୍‌ପି

ପୁରୀ ଅଫିସ/କାକଟପୁର/ ନିମାପଡ଼ା/ କଣାସ,୨୫।୫ (ଡି.ଏନ୍.ଏ.):

ବାତ୍ୟା ୟାସ୍ ପାଇଁ ପୁରୀ ଜିଲାରେ ବ୍ୟାପକ ପ୍ରସ୍ତୁତି ହୋଇଛି। ପୁରୀ ପୋଲିସ ୨୪ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ପ୍ରସ୍ତୁତ ରଖିଛି। ପ୍ରତି ସବଡିଭିଜନ୍ ପାଇଁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବ୍ଲକ୍‌ସ୍ତରରେ ଅନ୍ୟ ପୋଲିସ ଅଧିକାରୀମାନେ ବାତ୍ୟା ସମ୍ପର୍କିତ ତୁରନ୍ତ ସୂଚନା କଣ୍ଟ୍ରୋଲ୍ ରୁମ୍‌କୁ ଦେବା ନେଇ ଏସ୍‌ପି କନୱର ବିଶାଲ ସିଂ ନିର୍ଦ୍ଦେଶ ଦେଇଛନ୍ତି। ନିମାପଡ଼ା, ପିପିଲି ଓ ପୁରୀ ସଦର ପାଇଁ ଜଣେ ଲେଖାଏ ଅତିରିକ୍ତ ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ପୁରୀ ସହର ଦାୟିତ୍ୱରେ ସିଟି ଡିଏସ୍‌ପିଙ୍କୁ ରଖାଯାଇଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଳିଆ କରି ଓ ତଳିଆ ଜାଗାରେ ଘର କରି ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ଅତ୍ୟାବଶ୍ୟକ ସାମଗ୍ରୀ ସହ ଖାଦ୍ୟ ପଦାର୍ଥ ମହଜୁଦ ରଖାଯାଇଛି। ଅସ୍ତରଙ୍ଗ ଓ ଗୋପ ଭଳି ଅଧିକ ବାତ୍ୟା ଆଶଙ୍କା ଥିବା ସ୍ଥାନକୁ ଓଡ୍ରାଫ୍ ଟିମ୍ ପଠାଯାଇଛି। ଏସ୍‌ପି ଗୋପ ଓ ଅସ୍ତରଙ୍ଗରେ ପହଞ୍ଚି ଓଡ୍ରାଫ୍ ଟିମ୍ ସହ ଆଲୋଚନା କରିଛନ୍ତି। ଜିଲାପାଳ ସମର୍ଥ ବର୍ମା ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ପହଞ୍ଚି ସ୍ଥିତି ପରଖିଛନ୍ତି। ସୋମବାର ମନ୍ତ୍ରୀ ତୁଷାରକାନ୍ତି ବେହେରା ସ୍ଥାନୀୟ ପ୍ରଶାସନ ସହିତ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ସ୍ଥିତି ପରଖିଥିଲେ। ମଙ୍ଗଳବାର ସନ୍ଧ୍ୟା ୭ଟା ସୁଦ୍ଧା ବିଭିନ୍ନ ବ୍ଲକ୍‌ର ୪୭ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ୩୬୬୭ ଓ ଅନ୍ୟ ୨୮୮ଟି ବିକଳ୍ପ ଆଶ୍ରୟସ୍ଥଳୀରେ ୫୪୫୩ ଜଣଙ୍କୁ ଆଣି ସୁରକ୍ଷିତ ଭାବେ ରଖାଯାଇଛି। ସେହିଭଳି ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ୍ ଓ ୧୨ଟି ଅଗ୍ନିଶମ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି। ପୁରୀ ପୌରାଞ୍ଚଳ ପାଇଁ ୨୦ଜଣିଆ ଏନ୍‌ଡିଆର୍‌ଏଫ୍ ଟିମ୍, କାକଟପୁର ଓ ଅସ୍ତରଙ୍ଗ ପାଇଁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ପ୍ରସ୍ତୁତ ରହିଛନ୍ତି। ବାତ୍ୟା ପରେ ଗଛ କାଟି ରାସ୍ତା ଅବରୋଧ ହଟାଇବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ପୁରୀ ସମୁଦ୍ରକୂଳବର୍ତ୍ତୀ ଲୋକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଉଛି। କଜାଘରୁ ୫୮ ପ୍ରସୂତି ମହିଳାଙ୍କୁ ସ୍ଥାନାନ୍ତର କରାଯାଇଛି। ମତ୍ସ୍ୟଜୀବୀଙ୍କ ଡଙ୍ଗାକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ମଙ୍ଗଳବାର ଦିନତମାମ୍ ବର୍ଷା ତୁହାକୁ ତୁହା ହୋଇଥିବାବେଳେ ପବନ ପ୍ରଖର ହେବାରେ ଲାଗିଛି। ତେଣୁ ପୁରୀ ସହରରେ ଲାଗିଥିବା ହାଇମାଷ୍ଟଲାଇଟ୍‌ଗୁଡ଼ିକୁ ପ୍ରଶାସନ ଖୋଲି ଆଣିଛି।



କଣାସରେ ଏକ ବାତ୍ୟା ଆଶ୍ରୟସ୍ଥଳୀକୁ ଅଧିକାରୀମାନେ ପରିଦର୍ଶନ କରୁଛନ୍ତି ।